ସକାଳ THE SAKALA



www.sakalaepaper.com

## ତାଳଚେରରେ ମା'ମଙ୍ଗଳାଙ୍କ ଝାମୁଯାତ୍ରା

ତାଳଚେରସଦର,୧୩।୨(ସମିସ): ମାଘମାସରେ ମା'ମଙ୍ଗଳାଙ୍କ ଝାମୁଯାତ୍ରା ତିନିଦିନ ବ୍ୟାପି ମହାଆଡ଼ମ୍ବର ସହକାରେ ପାଳିତ ହୋଇଥାଏ। ତାଳଚେର ସହରର ବିଭିନ୍ନ ସାହି ଗୁଡ଼ିକରେ ଏହି ଯାତ୍ରା ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଏହି ପୂଜାର ବିଧିବିଧାନ ଅନୁସାରେ ଏକବାର, ଦୁଇବାର ଓ ତୃତୀୟଦିନ ମା'ଙ୍କ ଏହି ପୂଜା ଉତ୍ସବଟି ବେଶ ଜାକଜମରେ ବ୍ରତାଧିକାରୀମାନେ ପାଳନ କରିଥାନ୍ତି। ଏହି ପୂଜାର ବିଶେଷତ୍ୱ ହେଲା ମା'ଙ୍କ ପୂଜାର ଅନ୍ତିମ ଦିବସରେ ଅଗ୍ନିକୁ ଝାସ ଦେଇ ଅଗ୍ନିର ଅପରପାର୍ଶ୍ୱକୁ ନିଆଁ ଉପରେ ବ୍ରତାଧିକାରୀ ଓ ପୂଜାପାଠ କରୁଥିବା ଲୋକମାନେ ମଧ୍ୟ ଚାଲିଚାଲି ଯାଇଥାନ୍ତି। ତିନିଦିନ ବ୍ୟାପି ଦେହୁରୀଙ୍କ ଦ୍ୱାରା ଶୁକ୍ଳବସ୍ତ୍ର ପରିଧାନ କରି ବ୍ରାହ୍ମଣୀ ନଦୀରେ ମା'ଙ୍କ ସ୍ନାନ ଏବଂ ମନ୍ଦିରକୁ ପାଛୋଟି ଅଣାଯାଇ ନୀତିକାନ୍ତି ଅନୁସାରେ ପ୍ରାତଃ ପୂଜା, ମଧ୍ୟାହ୍ନ ପୂଜା, ରାତ୍ରିପୂଜା ଇତ୍ୟାଦି ସମ୍ପର୍ଣ୍ଣ କରି ମା'ଙ୍କୁ ସନ୍ତୁଷ୍ଟ କରିବା ସହ ଆଶିର୍ବାଦ ଭିକ୍ଷା କରିଥାନ୍ତି। ଝାଞ୍ଜ, କୀର୍ତ୍ତନ, ମୃଦଙ୍ଗ, ଶଙ୍ଖ, ଘଣ୍ଟବାଦ୍ୟ, ହୁଳହୁଳି ଦେଇ ମନ୍ଦିର ବା ମା'ଙ୍କ ପୂଜାକୋଠି ମାଘମାସରେ ଉତ୍ସବ ମୁଖର ହୋଇଉଠିବା ସହ ସେହି ପରିସରଟି ଏକ ଆଧ୍ୟାତ୍ମିକ ପରିବେଶରେ ଗୁଞ୍ଜରିତ ହୋଇଥାଏ। ମା'ଙ୍କୁ ଦେହୁରୀ କାନ୍ଧରେ ବୋହି ସହର ପରିକ୍ରମା କରିଥାଏ। ପୂଜାର ଶେଷ ଦିନରେ ଯିଏ ଯାହା ମା'ଙ୍କ ଉଦ୍ଦେଶ୍ୟରେ ମାନସିକ କରିଥିବ ତାକୁ ସମର୍ପଣ କରି ପୂର୍ବ ପ୍ରଥା ଅନୁସାରେ ବଳୀର ମଧ୍ୟ ବ୍ୟବସ୍ଥା କରାଯାଇଥାଏ। ମା'ଙ୍କ ଯାତ୍ରା ବର୍ଷକୁ ଥରେ ପାଳନ ହେଉଥିବାରୁ ପୂଜାକୁ ନେଇ ସାହିର ଲୋକମାନେ ବେଶ ଆନନ୍ଦ ସହକାରେ କରୁଥିବା ଦେଖିବାକୁ ମିଳିଛି।



## ଗାଡ଼ି ଚଳାଉଥିବାବେଳେ ଅଚେତ ହୋଇଗଲା ଚାଳକ

ଅନୁଗୋଳ, ୧୩।୨(ସମିସ): ବୁଧବାର ରାତି ପ୍ରାୟ ୯ଟା ସମୟରେ ଶିମିଳିପଡା ଦୁର୍ଗା ବିହାର ନିକଟରେ ଏକ ଷ୍ଟୁଡେଣ୍ଟ ଭେହିକିଲ୍ ହେମସୁରପଡ଼ା ପଟୁ ଶିମିଳିପଡ଼ା ଫେରୁଥିବା ବେଳେ ହଠାତ ଚାଳକ ମୁର୍ଚ୍ଛା ହୋଇଗଲା। ଆଖି ପିଛୁଳାକେ ଗାଡିଟି ରାସ୍ତାର ବାମ ପାଖ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଜଣକର ଘର ଗେଟକୁ ଭାଙ୍ଗି ଦେଇଥିଲା। ଏହି ଦୁର୍ଘଟଣାରେ କେହି ଆହତ ହୋଇନଥିବା ଜଣାପଡିଛି। ଚାଳକ ଜଣକର ଏପିଲେପସୀ ରୋଗ ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସାଙ୍ଗେ ସାଙ୍ଗେ ଲୋକେ ଆସି ଚାଳକକୁ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଚାଳକ ଜଣଙ୍କ ଏକ ଘରୋଇ ସ୍କୁଲର କୋଚିଂ ସରିବା ପରେ ପିଲାଙ୍କୁ ଘରେ ଛାଡ଼ି ଖାଲି ଗାଡ଼ି ନେଇ ଫେରୁଥିଲା। ପ୍ରଶ୍ନ ଉଠୁଛି ଚାଳକର ଏଭଳି ରୋଗ ଥିବା ବେଳେ ଗାଡି ମାଲିକ କିଭଳି ଚଳାଇବାକୁ ଅନୁମତି ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଗାଡ଼ି ମାଲିକଙ୍କ ଏକାଧିକ ଗାଡ଼ି ସ୍କୁଲରେ ଲାଗିଥିବା ବେଳେ ପରିବହନ ଆଇନ ଫାଙ୍କି ଗାଡ଼ି ଚାଲୁଛି। ଭବିଷ୍ୟତରେ କିଛି ଅଘଟଣ ହେଲେ ପରିବହନ ଅଧିକାରୀ ଦାୟୀ ହେବେ ବୋଲି ସହରବାସୀ ପ୍ରକାଶ କରିଛନ୍ତି।

## ଘଣ୍ଟପଡ଼ା ଭାଗବତ ଟୁଙ୍ଗିର ରୌପ୍ୟ ଜୟନ୍ତୀ

ତାଳଚେର,୧୩।୨(ସମିସ): ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମରେ ଥିବା ଭାଗବତ ଟୁଙ୍ଗିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଭାଗବତ ଟୁଙ୍ଗିରେ ସାପ୍ତାହିକ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମରେ ତାଳଚେର ବ୍ରାହ୍ମଣୀଦେଇ ଆଶ୍ରମର ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ଗହମ ନିତାଇ ଗୌର ଆଶ୍ରମର ପୂଜ୍ୟ ବାବାଜୀ ପ୍ରଭୁ ପାଦ ଦାସ ମହାରାଜ, ପାଟରପଦା ବାଙ୍କେବିହାରୀ ଆଶ୍ରମର ପୂଜ୍ୟ ବାବାଜୀ କାଳନ୍ଦୀ ଚରଣ ଦାସ, ପରଜଙ୍ଗର ପଣ୍ଡିତ ବାସୁଦେବ ଚାନ୍ଦ, ମହିଧରପୁରର କାଳନ୍ଦୀ ଚରଣ ମହାରାଜ, ରେଙ୍ଗାଲି ହରିହର ମଠର ପୂଜ୍ୟ ବାବାଜୀ ଅନ୍ତର୍ଯ୍ୟାମୀ ଦାସ ମହାରାଜ, ତାଳଚେରର ପଣ୍ଡିତ ନିରଞ୍ଜନ କରଙ୍କର ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାଗବତ ପାରାୟଣ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ମରଣତର ସମ୍ମାନ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ବିଶ୍ୱାଳଙ୍କୁ ସଚ୍ଚିଦାନନ୍ଦ ସରସ୍ୱତୀ ଓ ପ୍ରଭୁପାଦ ମହାରାଜ ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମର ୧୯ ଜଣ ଦିବଂଗତଙ୍କ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଖିଳ ଭାଗବତ ଭକ୍ତ ସମ୍ମିଳନୀ ପ୍ରତିଷ୍ଠାତା ତଥା କଙ୍କିଳି ଗ୍ରାମର ଶତାୟୁ ପୁରୁଷ ହରମୋହନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମାଜିକ କାର୍ଯ୍ୟ ପାଇଁ ସମାଜସେବୀ କ୍ଷୀରୋଦ ସାହୁଙ୍କ ସମେତ ଗ୍ରାମର ୨୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାଗବତ ଟୁଙ୍ଗି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଣ୍ଡିତ ରବି ନାରାୟଣ ମିଶ୍ରଙ୍କ ଦ୍ୱାରା ଗୀତା ଯଜ୍ଞ ଓ ପଣ୍ଡିତ ତ୍ରିଲୋଚନ ଭୋଇ, ଅନୁସୟା ସାହୁଙ୍କ ଦ୍ୱାରା ଗୀତା ପାଠ ଓ ପଦ୍ମଲାଭ ମହାରାଜଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। ଭାଗବତ ସତ୍‌ସଙ୍ଗ କମିଟିର ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗ୍ରାମର ଗଗନ କୁମାର ଦାସ, ରାମଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ପ୍ରଧାନ, ରାଜ କିଶୋର ଦାସ, ପ୍ରମୋଦ ଚନ୍ଦ୍ର ପ୍ରଧାନ ଓ ଗୋଲେକ ବିହାରୀ ବେହେରା ଏହି ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ତାଳଚେରର ପର୍ଯ୍ୟଟନସ୍ଥଳୀକୁ ମାନ୍ୟତା କେବେ?

ତାଳଚେରସଦର,୧୩।୨ (ସମିସ):

ରାଜ୍ୟ ସରକାର ଅନୁଗୋଳ ଜିଲ୍ଲାର ୪ଟି ପର୍ଯ୍ୟଟନ କ୍ଷେତ୍ରକୁ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଅନୁଗୋଳ ବ୍ଲକର ମନ୍ଦରଗିରି ପାହାଡ଼ ଓ ପୁରୁଣାଗଡ଼ର ଜଗନ୍ନାଥ ମନ୍ଦିର, ମା'ରାମଚଣ୍ଡି ପୀଠ, କୁକୁଡ଼ାଙ୍ଗ ନାରାୟଣ ସେବାଶ୍ରମ ଧାର୍ମିକ ଅନୁଷ୍ଠାନଭାବେ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ଏହା ଭିତରେ ସରକାର ୨୦ଟି କ୍ଷେତ୍ରକୁ ନୂଆ ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା ପ୍ରଦାନ କରିଥିବା ବେଳେ ତାଳଚେର ଓ କଣିହାଁ ବ୍ଲକକୁ କିପରି ଭୁଲିଗଲେ ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ତାଳଚେର ସହର ମଧ୍ୟରେ ବିସ୍ତିର୍ଣ୍ଣ ରାଣୀପାର୍କ ଜଙ୍ଗଲ, ତା'ନିକଟରେ ବୋହି ଯାଉଥିବା ଚିରୋସ୍ରୋତ ବ୍ରାହ୍ମଣୀନଦୀ, ଜଗନ୍ନାଥ ମନ୍ଦିର, ତାଳଚେର ତାଳେଶ୍ୱରୀ ମନ୍ଦିର, କଳମବୁରୀ ମା'ଦକ୍ଷିଣକାଳୀ ମନ୍ଦିର, ପଶ୍ଚିମେଶ୍ୱର ଶୈବପୀଠ, ତାଳଚେର ବ୍ଲକ ଧରମପୁର ଶୈବପୀଠ, କୁଶଳେଶ୍ୱର ମନ୍ଦିର, ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା'ଅଗ୍ନିରୂପା ହିଙ୍ଗୁଳା ମନ୍ଦିର ଯେଉଁଠାକୁ ଯାତ୍ରା ସମୟରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ ମାନସିକ ପୂରଣ କରିବାକୁ ଯାଇଥାନ୍ତି। ସମଲ ଚକ୍ରଶୀଳା ଶୈବପୀଠ ଓ ଆନ୍ନିକଟ, ଗହମ ବୁଲାଝାର ଶୈବପୀଠ, ରେଙ୍ଗାଳୀ ଡାୟାମ ଏତେ ଗୁଡ଼ାଏ ବହୁ ପୂରାତନ ଐତିହାସିକ କୀର୍ତିରାଜ ରହିଥିଲେ ହେଁ ଡବଲ ଇଞ୍ଜିନ ସରକାର ତାଳଚେର ଅଞ୍ଚଳର ଏପର୍ଯ୍ୟନ୍ତ କୌଣସିଟି ପର୍ଯ୍ୟଟନ କ୍ଷେତ୍ରକୁ ମାନ୍ୟତା ପ୍ରଦାନ ନ କରିବା ତାଳଚେରବାସୀଙ୍କୁ ନିରାଶ କରିଛି। ପୁନଶ୍ଚ ତାଳଚେର ଅଞ୍ଚଳରେ ୧୦ଟି କୋଇଲା ଖଣି ରହିଛି। ଏହି ଖଣି ଗୁଡ଼ିକରୁ କୋଇଲା ଉତ୍ତୋଳନ କରି ସାରିବା ପରେ ଖଣି କର୍ତ୍ତୃପକ୍ଷ ସେହି ସ୍ଥାନ ଗୁଡ଼ିକୁ ମାଟି ଭର୍ତ୍ତି ନକରି ସେଗୁଡିକୁ ଛାଡ଼ି ଦେଉଥିବାରୁ ତାଳଚେର ଅଞ୍ଚଳରେ ଜଳସଙ୍କଟ ବର୍ଷସାରା ଦେଖାଦେଇଥାଏ। ତେବେ ଏହି ବିସ୍ତୀର୍ଣ୍ଣ ଭଗୀରତମ ଗାତ ଗୁଡ଼ିକୁ ଯଦି ସରକାର ବର୍ଷା ଜଳକୁ ଷ୍ଟୋରେଜ କରି ସେଥିରେ ବୋଟିଙ୍ଗ୍, ମନ୍ଦିର ନିର୍ମାଣ, ଚର୍ତୁପାଶ୍ୱରେ ବାଡ଼ରବନ୍ଦି ଓ ବୃକ୍ଷରୋପଣ କରିବେ, ତେବେ କୋଇଲା ଖଣି ଦ୍ୱାରା ଦିନକୁ ଦିନ ଶ୍ରୀହୀନ ହୋଇ ପଡୁଥିବା ତାଳଚେରର ତା'ର ପୂର୍ବ ଐତିହ୍ୟ, ଗାରୀମା ଓ ଗୌରବ ଫେରି ପାଇବେ। ଏହା ସହିତ ଏକ ବୃହତ୍ ପର୍ଯ୍ୟଟନ କ୍ଷେତ୍ରରେ ପରିଗଣିତ ହେବା ସହ ରାଜ୍ୟ ସରକାର ମଧ୍ୟ ଏଥିରୁ ରାଜସ୍ୱ ସଂଗ୍ରହ କରିପାରନ୍ତେ ବୋଲି ପରିବେଶବିତ୍ ମାନେ ମତପ୍ରକାଶ କରିଛନ୍ତି। ତାଳଚେର ଅଞ୍ଚଳରୁ ନିକଟ ଭବିଷ୍ୟତରେ କୋଇଲା ଖଣି ସମ୍ପୂର୍ଣ୍ଣ ଶେଷ ହେବାପରେ ଏଠିକାର ଅଧିବାସୀମାନଙ୍କର ଜୀବନଜୀବୀକା ଉପରେ ସୁନିଶ୍ଚିତ ଭାବେ ପ୍ରଭାବ ପଡ଼ିବା ଆଶଙ୍କାକୁ କଦାପି ଏଡ଼ାଇ ଦିଆଯାଇନପାରେ। ଏଣୁ ଦିନ ଥାଉ ଥାଉ ସରକାର ଏଥିପ୍ରତି ଯତ୍ନବାନ୍ ହେବା ସହ ତାଳଚେରବାସୀଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ଅଞ୍ଚଳ ଗୁଡ଼ିକ ପର୍ଯ୍ୟଟନ ସ୍ଥଳୀରେ ପରିଣତ କଲେ ଆଗାମୀ ଦିନରେ ଅଞ୍ଚଳବାସୀ ବେରୋଜଗାର ହେବେ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

**ଡବଲ ଇଞ୍ଜିନ ସରକାରଙ୍କ ଉପେକ୍ଷା**



## ପିଏନ୍‌ବିର ଏମ୍‌ଏସ୍‌ଏମ୍‌ଇ ଆଉଟ୍ ରିଚ୍ ପ୍ରୋଗ୍ରାମ

ଅନୁଗୋଳ, ୧୩।୨(ସମିସ): ଗୁରୁବାର ଦିନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ଏକ ହୋଟେଲଠାରେ ଏମଏସ୍‌ଏମଇ ଆଉଟ୍ ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଲାଭ ନେବାପାଇଁ ବ୍ୟାଙ୍କର ସମସ୍ତ ଗ୍ରାହକମାନଙ୍କୁ ଅନୁରୋଧ କରାଯାଇଥିଲା। ବ୍ୟାଙ୍କର ଗ୍ରାହକମାନଙ୍କୁ ବ୍ୟବସାୟ ସମ୍ପର୍କିତ ଋଣ କିପରି ନେଇପାରିବେ ଓ ବ୍ୟବସାୟରେ ସଫଳ ହୋଇ ଋଣ କିସ୍ତି କିପରି ସହଜରେ ପରିଶୋଧ କରିବେ ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବ୍ୟାଙ୍କର ମଣ୍ଡଳ ଉପ ପ୍ରମୁଖ ସମସ୍ତ ଗ୍ରାହକମାନଙ୍କୁ ତାଙ୍କ ବ୍ୟବସାୟର ଉପଯୁକ୍ତ କାଗଜପତ୍ର ଦେଲେ ଉଦ୍ୟୋଗୀ ପଞ୍ଜୀକରଣ କରାଯିବ ବୋଲି ପ୍ରକାଶ କରିଥିଲେ। ସରକାରଙ୍କ ମୁଦ୍ରା ଋଣ, ପିଏମଇଜିପି, ପିଏମ ସ୍ୱନିଧି, ପିଏମ ବିଶ୍ୱକର୍ମା ଓ ଅନ୍ୟାନ୍ୟ ଏମ୍‌ଏସଏମ୍‌ଇ ଋଣ ସହ ବ୍ୟାଙ୍କର ବିଭିନ୍ନ ସୁବିଧା ସମ୍ପର୍କରେ ବୁଝାଇଥିଲେ। ଯୋଗ୍ୟ ବ୍ୟକ୍ତି ମାନଙ୍କୁ ସହଜରେ ଏହି ଋଣ ଉପଲବ୍ଧ କରାଯିବ ବୋଲି ମଣ୍ଡଳ ଉପ ପ୍ରମୁଖ ସୂର୍ଯ୍ୟମଣି ସାହୁ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ହେଡ୍ ଅଫିସ ଡିଜିଏମ ଏମ.କେ ମୋହନ, ଜିଲ୍ଲା ଶିଳ୍ପ କେନ୍ଦ୍ର ଯିଏମ ଶିବାଶିଷ କାନୁନ୍‌ଗୋ, ଜିଲ୍ଲାପରିଷଦ ପଦ୍ମନାଭ ସାମନ୍ତରାୟ ଏବଂ ପିଏନବି ଅନୁଗୋଳ ଶାଖା ପ୍ରମୁଖ ରାଜେନ୍ଦ୍ର କୁମାର ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଋଣ ଅଧିକାରୀ ସୁଜିତ ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

## କୁକୁର ପାଇଁ କଲେଜ ଛାତ୍ରଛାତ୍ରୀ ନାକେଦମ୍

ଅନୁଗୋଳ ୧୩।୨ (ସମିସ): ଧୂଆଁ ଧୂଳି ମଶା ସାଙ୍ଗକୁ ବୁଲା କୁକୁର ଅନୁଗୋଳ ସହରର ଅନ୍ୟତମ ମୁଖ୍ୟ ସମସ୍ୟା। ଏହି ବୁଲା କୁକୁରଙ୍କ ଯୋଗୁଁ ଦୁର୍ଘଟଣା ଘଟିବା ସହ ଅନେକ କାମୁଡ଼ାର ଶିକାର ହେଉଛନ୍ତି। ଆଜି କୁକୁର ଯୋଗୁଁ ଅନୁଗୋଳ କଲେଜର ଛାତ୍ରଛାତ୍ରୀ ନାକେଦମ୍ ହୋଇଥିଲେ। ଯୁକ୍ତ ତିନି ଗଣିତ ବିଭାଗର ପିଲା କୋଠରୀ ଭିତରକୁ ପଶିଲା ବେଳକୁ ଦେଖିଲେ ଗୋଟିଏ କୁକୁର ବେଞ୍ଚ ତଳେ ଶୋଇଛି। ପାଗଳା କୁକୁର ଭାବି ପିଲାମାନେ ହୋ ହାଲ୍ଲା କରିଥିଲେ। ଅଧ୍ୟାପକ ଆଉ ଗୋଟେ କୋଠରୀକୁ ଯିବାକୁ ଚାହିଁବାରୁ କୁକୁର ତାଙ୍କ ପଛେ ଯାଇଥିଲା। ଶେଷରେ ଅଧ୍ୟାପକ କୁକୁରକୁ ତଡି ଅନ୍ୟ ଏକ କୋଠରୀରେ କ୍ଲାସ୍ କରିଥିଲେ। ସେହିପରି ଏବେ ଖେଳପଡ଼ିଆ ବା ଅତିଥି ମଞ୍ଚ ଯେଉଁଠି ଦେଖିବ କୁକୁରଙ୍କ ମେଳି। ଆଶ୍ୱାସନାର କଥା ପୌରପାଳିକା ସହ ଜିଲ୍ଲା ପ୍ରାଣୀ ବିଭାଗର ଏକ ସମନ୍ୱୟ ବୈଠକ ହେବ। ଏହାର ଫଳାଫଳକୁ ସହରବାସୀ ଅପେକ୍ଷା କରିଛନ୍ତି।



■ ଅବ୍ୟବସ୍ଥା ମଧ୍ୟରେ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

## ୩୫ ଡିଗ୍ରୀ ଖରାରେ ବସିଲେ ଛାତ୍ରଛାତ୍ରୀ

କାମାକ୍ଷାନଗର,୧୩।୨(ସମିସ): କାମାକ୍ଷାନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଘୋର ଅବ୍ୟବସ୍ଥା ମଧ୍ୟରେ ହୋଇଛି ଏହି ଶିବିର। ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍ଥାନ ଅଭାବରୁ ଅନେକ ପିଲା ବାହାରେ ଟାଣ ଖରାରେ ଘଣ୍ଟାଏ ଧରି ଛିଡ଼ା ହୋଇଥିଲେ। ଏପରିକି ପିଲାମାନେ ଘଣ୍ଟାଏ ଧରି ଖରାରେ ସିଝୁଥିବା ବେଳେ ପାଣି ଟୋପାଏ ମଧ୍ୟ ଆୟୋଜକ ଦେଇନଥିବା ଅଭିଯୋଗ କରିଥିଲେ। କାମାକ୍ଷାନଗରରେ ଖରାର ପ୍ରକୋପ ୩୫ ଡିଗ୍ରୀ ଥିବାବେଳେ ପିଲାମାନେ ବାହାରେ ବସି ବିରକ୍ତି ଭାବ ପ୍ରକାଶ କରିଥିବା ବେଳେ ପାଣି ଟୋପାଏ ପାଇନଥିଲେ। ଏପରିକି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ସ୍ଥାନରେ ବିଭିନ୍ନ ବିଭାଗ ତରଫରୁ ପିଲାମାନଙ୍କ ପାଇଁ ହୋଇଥିବା ଷ୍ଟଲ ଗୁଡିକ ମଧ୍ୟ ଫାଙ୍କା ପଡିଥିଲା। ଆବଶ୍ୟକୀୟ ପ୍ରଚାର ପ୍ରସାର ତଥା ଆୟୋଜକଙ୍କ ଖାମଖିଆଲି ମନୋଭାବ ଯୋଗୁଁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମ ଅଧାରୁ ଘରକୁ ଫେରିଯାଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ସମ୍ପର୍କରେ ଆୟୋଜକଙ୍କ ତରଫରୁ କୌଣସି ସୂଚନା ଦିଆଯାଇନଥିବା ଯୋଗୁଁ ଅନେକ ପଞ୍ଚାୟତ ଓ ବିଦ୍ୟାଳୟର ପିଲାମାନେ ଏ ସମ୍ପର୍କରେ ଜାଣି ପାରିନାହାନ୍ତି। ତେବେ ଏପରି ଅବ୍ୟବସ୍ଥାକୁ ନେଇ ପିଲାମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ କାର୍ଯ୍ୟକ୍ରମ ସୂଚାରୁ ରୂପେ ହୋଇଥିବା ବେଳେ ସଭା ପରିସରରେ ସ୍ଥାନ ଅଭାବରୁ ଛାତ୍ରଛାତ୍ରୀ ମାନେ ବାହାରେ ବସିଥିବା କହିଛନ୍ତି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରିଣୀ କେ. ରୋଜା ଦୋରା।

**ମିଳିଲାନି ପିଇବା ପାଇଁ ପାଣି**



## ହେମସୁରପଡ଼ାରେ ଅଷ୍ଟପ୍ରହରୀ ନାମଯଜ୍ଞ

ଅନୁଗୋଳ, ୧୩।୨(ସମିସ): ଅନୁଗୋଳ ଜିଲ୍ଲା ହେମସୁରପଡା ସ୍ଥିତ ୟୁନାଇଟେଡ଼ ୟୁଥ କ୍ଲବ ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ଅନୁଷ୍ଠିତ ହେଉଛି। ତିନି ଦିନ ଧରି ଚାଲିଥିବା ଏହି ଅଷ୍ଟପ୍ରହରୀର ପ୍ରଥମ ଦିନ କଳସ ଯାତ୍ରା ଏବଂ ଅଧିବାସ ପୂଜା ହୋଇଥିଲା। ଦ୍ୱିତୀୟ ଦିନ ଅହୋରାତ୍ର ନାମ ସଂକୀର୍ତ୍ତନ ହୋଇଥିବା ବେଳେ ଶେଷ ଦିନ ନଗର ସଂକୀର୍ତ୍ତନ ହୋଇଛି। ଏହି ନାମ ସଂକୀର୍ତ୍ତନରେ ବିଭିନ୍ନ ଅଞ୍ଚଳରୁ ୩୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଅଷ୍ଟପ୍ରହରୀରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ। ଶେଷରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।



## ଗୁଳିମାଡ଼ରେ ନାବାଳକ ଗୁରୁତର ଘଟଣାରେ ଜଣେ ଗିରଫ

ଅନୁଗୋଳ,୧୩।୨(ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ସାନକେରଜାଙ୍ଗରେ ନାବାଳକକୁ ଗୁଳିମାଡ଼ ଘଟଣାରେ ଜଣଙ୍କୁ ଗିରଫ କରିଛି ପୁଲିସ। ସୂଚନା ଅନୁସାରେ ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ସାନକେରଜଙ୍ଗ ଗାଁରେ ମଙ୍ଗଳବାର ସେହି ଗାଁର ୪ ଜଣ ଯୁବକ ଜଣେ ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ଏହାର ବିରୋଧ କରିବା ସହିତ ତାଙ୍କର ଦୁଇ ଜଣ ପୁଅ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଏହାପରେ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ହେଲେ କିଛି ସମୟ ପରେ ସେମାନେ ଏକ ନମ୍ବର ବିହୀନ କାର୍‌ରେ ଆସି ମହିଳା ଓ ତାଙ୍କ ପୁଅଙ୍କ ସହ ଗଣ୍ଡଗୋଳ କରିଥିଲେ। ଜଣେ ଅଭିଯୁକ୍ତ ବନ୍ଧୁକ ବାହାର କରି ୩ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ନାବାଳକଙ୍କ ଜଙ୍ଘରେ ବାଜିଥିଲା। ଏହାପରେ ୪ଜଣ ଅଭିଯୁକ୍ତ କାର୍‌ରେ ଫେରାର ହୋଇଯାଇଥିଲେ। ଗୁରୁତର ନାବାଳକଙ୍କୁ ପରିବାର ଲୋକେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ନାବାଳକଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଟଣାସ୍ଥଳରେ ପଡ଼ିଥିବା ଖୋକାକୁ ପୁଲିସ ଜବତ କରିବା ସହ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ପୁଲିସ ବଅଁରପାଳ ଥାନା ମହୀଧରପୁର ଗାଁରେ ଚଢ଼ଉ କରି ସାନ କେରଜାଙ୍ଗ ଗାଁର କାଳିଆ ମହାପାତ୍ରଙ୍କୁ ଗିରଫ କରି ପଚରାଉଚରା ଚଳାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ତିନି ଜଣ ଯୁବକଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

**ଅନ୍ତର୍ଜାତୀୟ ମହିମା ମହୋତ୍ସବ -୨୦୨୫ ଉଦ୍‌ଘାଟିତ**

# 'ମହିମା ଧର୍ମ ସମାନତାକୁ ପ୍ରତିପାଦନ କରେ'

ଅନୁଗୋଳ,୧୩।୨(ସମିସ):

ଅନୁଗୋଳ ବ୍ଲକ ଅନ୍ତର୍ଗତ ଅଙ୍ଗାରବନ୍ଧ ମହିମାଧମଠାରେ ଅନ୍ତର୍ଜାତୀୟ ମହିମା ମହୋତ୍ସବ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଏହି ମହୋତ୍ସବ ଚାଲିବାକୁ ଥିବା ବେଳେ ବୁଧବାର ଏହାର ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ, ସରପଞ୍ଚ ସୁଜାତା ସାହୁ, ସମିତି ସଭ୍ୟ ସୁଜାତା ସ୍ୱାଇଁ, ବାବା ମଦନ ଦାସ ଓ ମୁଖ୍ୟବକ୍ତା ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ପ୍ରମୁଖ ଉପସ୍ଥିତ ଥିଲେ। ସାନ୍ଧ୍ୟ ସଭାକୁ ଉଦ୍‌ବୋଧନ ଦେବାକୁ ଯାଇ ଅନୁଗୋଳ ବିଡିଓ ଡ. ବିଶ୍ୱଭୂଷଣ କହିଥିଲେ ଯେ, ମହିମା ଧର୍ମ ଆମମାନଙ୍କ ମଧ୍ୟରେ ସମାନତାକୁ ପ୍ରତିପାଦନ କରେ। ଭେଦଭାବ ଶୂନ୍ୟ ହୋଇ ସମସ୍ତେ ଈଶ୍ୱରଙ୍କ ସନ୍ତାନ ଏବଂ ଏହି ଭାବନା ହିଁ ମହିମା ଧର୍ମ। ମହିମା ପୀଠର ଆଞ୍ଚଳିକ ପରିଚାଳନା ସମିତିର ସଭାପତି ନିଜ ବକ୍ତବ୍ୟରେ କହିଥିଲେ ଯେ, ୧୮୦୨ ମସିହାରେ ହିମାଳୟ ଠାରେ ମହିମା ସ୍ୱାମୀଙ୍କ ଆବିର୍ଭାବ ଓ ପରବର୍ତ୍ତୀ ସମୟରେ ଓଡ଼ିଶାର ପୁରୀକୁ ଆଗମନ ହୋଇଥିଲା। ୧୮୩୮ରେ କପିଳାସ ପୀଠରେ ସାଧନା ଆରମ୍ଭ କରି ୨୪କାଳ ଏଠାରେ ରହି ପରବର୍ତ୍ତୀ ସମୟରେ ଧର୍ମ ପ୍ରଚାର କରିଥିଲେ। ଏହି ଧର୍ମ ପ୍ରଚାର ସମୟରେ ଅଙ୍ଗାରବନ୍ଧ ଗ୍ରାମଙ୍କୁ ତାଙ୍କର ଆଗମନ ହୋଇଥିଲା। ଏଠାରେ ବସବାସ କରୁଥିବା ୧୬ ପରିବାରକୁ ସେ ଦୀକ୍ଷିତ କରିବା ସହ ୨୧ ହାତିଆ ଧୁନି ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିରାକାରବାଦୀ ସାଧନ ପଦ୍ଧତି ମଧ୍ୟରେ ଏହି ଧର୍ମ ଖ୍ୟାତିଲାଭ କରିଛି। ଶେଷରେ ମୁଖ୍ୟବକ୍ତା ପ୍ରତାପ ପ୍ରୀତିମୟ ମହିମାସ୍ୱାମୀଙ୍କ ଆବିର୍ଭାବ ଠାରୁ ତାଙ୍କ ଜୀବନ କାଳ ଏବଂ ଢେଙ୍କାନାଳ ରାଜା ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା କଥା ମଧ୍ୟ କହିଥିଲେ। ପରବର୍ତ୍ତୀ ସମୟରେ କେନ୍ଦୁଝର ଗଡ଼ର ରାଜା ମଧ୍ୟ ଦୁରାରୋଗ୍ୟ ରୋଗରେ ପୀଡିତ ଥିବା କାଳରେ ମହିମାସ୍ୱାମୀଙ୍କ ଶରଣକୁ ଆସିଥିଲେ। ସେ ଉକ୍ତ ରୋଗରୁ ମୁକ୍ତିପାଇଥିଲେ। କୌଣସି ଆଶା, ରୂପରଙ୍ଗ, ଦ୍ରବ୍ୟଉପଚାର ଆଦି ବିନା ଏହି ଉପାସନା କରାଯାଇଥାଏ। ଏହାର ଜଣେ ମୁଖ୍ୟ ପ୍ରଚାରକ ଭାବେ ସନ୍ଥକବି ଭୀମଭୋଇ ନିଜ ରଚନା ମାଧ୍ୟମରେ ଆଜି ଅନ୍ତର୍ଜାତୀୟ ସ୍ତରରେ ପ୍ରଖ୍ୟାତିଲାଭ କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଶେଷରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ କହିଥିଲେ ଯେ, ଏହି ପୀଠ କେତେ ଯେ ମହିମା ମୟ ସେ ନିଜେ ଅନୁଭବ କରିଛନ୍ତି। ବିଧାୟକ ହେବା ପୂର୍ବରୁ ଏହିପୀଠ ସହ ତାଙ୍କର ସମ୍ପର୍କ ରହିଛି। ଆଗାମୀ ଦିନରେ ଏହି ପୀଠର ଉନ୍ନତି ଓ ଯେଉଁ ଅସମ୍ପୂର୍ଣ୍ଣ କାର୍ଯ୍ୟ ସବୁ ରହିଛି ତାହା ସମ୍ପୂର୍ଣ୍ଣ କରାଯିବ। ଭକ୍ତଙ୍କ ପାଇଁ ଏକ ଭୋଗମଣ୍ଡପ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତିନିଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଓଲିଉଡ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ, ଶୁଭ୍ରଜିତା ମହାନ୍ତି, ପ୍ରକାଶ ରାଜ ପ୍ରମୁଖ ନିଜର ସଙ୍ଗୀତରେ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲେ। ଆଗାମୀ ଦୁଇଦିନ ଧରି ଏହି ମହୋତ୍ସବ ଜାରି ରହିବ ବୋଲି ଜଣାପଡିଛି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ସଂଗ୍ରାମ କେଶରୀ ମହାନ୍ତି
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୧୮.୦୪.୧୯୪୭
ତିରୋଧାନ: ୦୪.୦୨.୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ- ମମତା ମହାନ୍ତି, ବଡ ଝିଅ ଜ୍ୱାଇଁ - ଅର୍ଘ୍ୟରୂପା, ସୁଜିତ କୁମାର, ମଝିଆ ଝିଅ ଜ୍ୱାଇଁ - ବିଶ୍ୱରୂପା, ଲଲାଟେନ୍ଦୁ, ସାନଝିଅ ଓ ଜ୍ୱାଇଁ - ବର୍ଣ୍ଣରୂପା, ଲିଙ୍ଗୁକେଶ୍ୱର ଏବଂ ଆତ୍ମୀୟ-ସ୍ୱଜନ

## ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳାର ତୃତୀୟ ଦିନ

# ପଶ୍ଚିମ ମୁଖଶାଳାରେ ଜଳିଲା ଝାଡ଼ଦୀପ

ଗଁଦିଆ, ୧୩।୨(ସମିସ)

ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳାର ୩ୟ ଦିନରେ ମହିମାଗାଦିରେ ଥିବା ଗାଦି ମନ୍ଦିରର ପଶ୍ଚିମ ଦ୍ୱାରରେ ଆଜି ସନ୍ଧ୍ୟାଠାରୁ ଝାଡ଼ଦୀପ ଜଳୁଥିବାର ଦେଖାଯାଉଛି। ଗାଦି ମନ୍ଦିରରେ ନିଯୁକ୍ତ ସାଧୁ ସନ୍ଥ ମାନେ ତ୍ରିସନ୍ଧ୍ୟା ପୂଜାନୀତି ଶେଷ କରି ରୂପା ଚାମର ଆଲଟ ପରେ ସନ୍ଧ୍ୟା ୫ଟା ୩୫ମିନିଟରେ କେବଳ ପଶ୍ଚିମ ପାର୍ଶ୍ୱରେ ପିତଳର ବୃହତ୍ ଝାଡ଼ ଦୀପ ବୃକ୍ଷରେ ଘୃତାହୁତି ହୋଇଥିଲା। ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା ୨ଦିନଧରି ମହିମା ଗାଦିରେ ଥିବା ଗାଦି ମନ୍ଦିର, ଧୁନି ମନ୍ଦିର, ଏକୋଇଶି ହାତିଆ ମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର, ଅଖଣ୍ଡବଟୀ ମନ୍ଦିର, ନୀତି ମନ୍ଦିର, ଶୂନ୍ୟ ମନ୍ଦିରରେ ବୃହତ୍ ପିତଳ ଝାଡ଼ ବୃକ୍ଷରେ ଘୃତାହୂତି ହେଉଛି। ନାଟିମା ବଜାର ନିକଟସ୍ଥିତ ମେଳା



ପଡ଼ିଆରୁ ଗାଦି ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଦୋକାନ ବଜାର ପଡ଼ିଥିବାରୁ ସ୍ଥାନୀୟ ଗ୍ରାମାଞ୍ଚଳର ଯାତ୍ରୀମାନେ ମେଳାକୁ ଯାଇ ଦୋକାନରୁ ନିଜଘର ଉପକରଣ ଜିନିଷ କିଣିବାରେ ବ୍ୟସ୍ତ ରହିଛନ୍ତି। ଚଳିତ ବର୍ଷ ମେଳାରେ କଳିଙ୍ଗ ଓ ଧଉଳି ଯାତ୍ରା ପାର୍ଟି ପଡ଼ିଥିବାରୁ ସନ୍ଧ୍ୟା ପରଠାରୁ ଜନଗହଳି ପରିଲକ୍ଷିତ ହେଉଛି। ଦୂରଦୂରାନ୍ତରୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ମେଳାକୁ ଦେଖି ଆଜି ଫେରୁଥିବାର ଦେଖାଯାଉଛି। ଆଜି ରାତି ୮ଟା ୩୦ମିନିଟରେ ଅର୍ଣ୍ଣାମେଣ୍ଟ ଗାର୍ଡ ସହାୟତାରେ ଗାଦି ମନ୍ଦିରର ପୂର୍ବ ଦ୍ୱାରରେ ଥିବା ମହିମା ସ୍ୱାମୀଙ୍କ ସୁନା ଓ ରୂପା ଅଲଟ ଚାମର ଓ ଅନ୍ୟାନ୍ୟ ଉପକରଣ ଘଣ୍ଟା ଘରକୁ ଆସିଛି। ବୃହତ୍ ଝାଡ଼ବୃକ୍ଷ ଆଜିରାତ୍ରି ସୁଦ୍ଧା ଆସିଥିବା ବେଳେ ଆସନ୍ତା କାଲି ଅନ୍ୟାନ୍ୟ ଉପକରଣ ଆସିବାର କାର୍ଯ୍ୟକ୍ରମ ରହିଛି।

# ମହିମାଗାଦିରେ ଧର୍ମ ସଭା

**ଯୋରନ୍ଦା, ୧୩।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ମହିମାଗାଦି ସ୍ଥିତ ଗାଦିମନ୍ଦିରର ତୃତୀୟ ବେଢ଼ା ପରିସରରେ ଧର୍ମ ମହାସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାନ୍ତ ସଂଘ ଚାଳକ ସମୀର ମହାନ୍ତି ଯୋଗଦେଇ ସାଧୁସନ୍ଥଙ୍କ ଜୀବନ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ଓ ସେମାନେ ସମାଜର ପଥ ପ୍ରଦର୍ଶକ ବୋଲି କହିଥିଲେ। ଭାରତ ହେଉଛି ସନ୍ଥ ପରମ୍ପରାର ଦେଶ। ମହିମା ସନ୍ଥଙ୍କବାଣୀ ବିଶ୍ୱ ବାଣୀ ଭାବେ ବିଦିତ। ସମ୍ମାନିତ ଅତିଥି ଭାବେ ମହିମା ସନ୍ୟାସୀ ନଟବର ବାବା ଯୋଗଦେଇ କହିଲେ, ସତ୍ୟ ସନାତନ ଧର୍ମ ହେଉଛି ସର୍ବବ୍ୟାପୀ। ଯେପରି ଆକାଶ ସର୍ବବ୍ୟାପୀ, ସେହିପରି ସତ୍ୟ ସନାତନ ମହିମା ଧର୍ମର ବାଣୀ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଏହା ସର୍ବବ୍ୟାପୀ। ଏହି ସଭାରେ ଶେଷଦେବ ବାବା, ସୁଶାନ୍ତ ବାବା, ରଘୁନାଥ ବାବା, ସୁଶାନ୍ତ ବାବା ପ୍ରମୁଖ ବକ୍ତବ୍ୟ ରଖି ସତ୍ୟ ସନାତନ ମହିମା ଧର୍ମର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଶ୍ୱହିନ୍ଦୁ ପରିଷଦ, ଧର୍ମଜାଗରଣ ସମନ୍ୱୟ, ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଧର୍ମ ସଭାରେ ଓଡ଼ିଶା ଧର୍ମ ଜାଗରଣ ପୂର୍ବ କ୍ଷେତ୍ର ପ୍ରମୁଖ ବିନୟ ଭୂଷଣ ଭୂୟାଁ ସଂଯୋଜନା କରିଥିବା ବେଳେ ପୂର୍ବ ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ଆଲୋକ କୁମାର ଖଟୁଆ, ଢେଙ୍କାନାଳ ଅନୁଗୁଳ ଜିଲ୍ଲା ସହସଂଘ ଚାଳକ ହୃଦାନନ୍ଦ ଶତପଥି, ଢେଙ୍କାନାଳ ଜିଲ୍ଲା



ସଂଘ ଚାଳକ ଅଶୋକ କୁମାର ଭଞ୍ଜ, ସଂଘ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଚିନ୍ମୟ ମହାପାତ୍ର, ଢେଙ୍କାନାଳ ଜିଲ୍ଲା ସେବା ପ୍ରମୁଖ ଅଶ୍ୱିନୀ ଫତି, ପ୍ରଚାରକ ଚିନ୍ମୟ ରଥ, ଜିଲ୍ଲା ସଂଘ ଚାଳକ ଅଶୋକ ଭଞ୍ଜ, ସ୍ଥାନୀୟ କର୍ମକର୍ତ୍ତା ନିର୍ମଳ କୁମାର ରାଉତ, ଦିଗମ୍ବର ସାହୁ, ବିରଞ୍ଚି ନାରାୟଣ ସାହୁ, ସମରେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମହିମାଗାଦିର ସାଧୁସନ୍ଥମାନେ ଉପସ୍ଥିତ ରହିଥିଲେ।

# ମଦ ଦୋକାନ ବିରୋଧରେ ଆନ୍ଦୋଳନ ଚେତାବନୀ

**ଭୁବନ, ୧୩।୨(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଞ୍ଚାୟତରେ ସରକାରୀ ମଦଦୋକାନ ଖୋଲାଯିବାକୁ ନେଇ ବାଲିବୋ ଗୋ-ସେବା ସଂଗଠନ ତରଫରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ମୁର୍ଦ୍ଦଙ୍ଗା-କୁଣ୍ଡା ଗ୍ରାମ ଛକରେ ଏକ ସରକାରୀ ଠିପି ବନ୍ଦ ମଦ ଦୋକାନ ନାମକୁ ମାତ୍ର ଠିପି ବନ୍ଦ ମଦ ଦୋକାନ ହୋଇଥିବା ବେଳେ ସେଠାରେ କୌଣସି ଠିପି ଖୋଲା ବାର୍ ଠାରୁ କମ୍ ନୁହେଁ। ଫଳରେ ସକାଳ ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦୁଆଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଥିଲା। ଉକ୍ତ ମଦ ଦୋକାନର ଚର୍ତୁପାର୍ଶ୍ୱରେ ସ୍କୁଲ, କଲେଜ ଓ ଅଙ୍ଗନବାଡି ଆଦି ଶିକ୍ଷାନୁଷ୍ଠାନ ରହିଥିବାରୁ ଦୈନିକ କୁଣ୍ଡା-ମୁର୍ଦ୍ଦଙ୍ଗା ଛକରେ ବିଶୃଙ୍ଖଳା ସୃଷ୍ଟି ହେବା କାରଣରୁ ସ୍ଥାନୀୟ ବିଦ୍ୟାର୍ଥୀ ତଥା ଜନସାଧାରଣ ଗଭୀର ଭାବରେ ପ୍ରଭାବିତ ହେଉଥିଲେ। ଏହିଭଳି ଅନେକ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ମଦ ଦୋକାନ ବିରୋଧରେ ଆନ୍ଦୋଳନ କରିଥିଲେ। ଯାହାର ପରିଣାମ ସ୍ୱରୂପ ଉକ୍ତ




ମଦ ଦୋକାନ ସେଠାରୁ ସ୍ଥାନାନ୍ତରିତ ହୋଇ ବାଲିବୋ ପଞ୍ଚାୟତର କାନଖାଇ ଗ୍ରାମରେ ଅବସ୍ଥାପିତ ହେବାକୁ ଜାନୁଆରୀ ୨୭ ତାରିଖରେ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଢେଙ୍କାନାଳ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଚିଠି ନଂ-୩୨୭ ଅନୁଯାୟୀ ୧୦ ତାରିଖ ସୁଦ୍ଧା ଅଭିଯୋଗ ନହେଲେ ପରେ କୌଣସି କଥା ଶୁଣାଯିବ ନାହିଁ ବୋଲି ଉଲ୍ଲେଖ ରହିଥିଲା।

ସୂଚନା ପାଇ ସମଗ୍ର ବାଲିବୋ ପଞ୍ଚାୟତବାସୀ ଚଳିତ ମାସ ୧୦ ତାରିଖରେ ଜିଲ୍ଲାପାଳଙ୍କୁ ଭେଟି ଉକ୍ତ ମଦ ଦୋକାନ ଖୋଲାଯିବାକୁ ନେଇ ଅଭିଯୋଗ କରିଥିବା ବେଳେ ବାଲିବୋ ଗୋ-ସେବା ସଙ୍ଗଠନ ପକ୍ଷରୁ ପୁନଃ ଏକ ଦାବିପତ୍ର ଭୁବନ ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ବାଲିବୋ ପଞ୍ଚାୟତରେ ମଦ ଦୋକାନ ନ ଖୋଲିବାକୁ ଦାବି ରହିଛି। ଦାବିକୁ ଅଣଦେଖା କଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଉଲ୍ଲେଖ ରହିଛି। ପଞ୍ଚାୟତର କଲ୍ୟାଣ ପାଇଁ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଗଠନର ଉପଦେଷ୍ଟା ରବିନ୍ ଦାସ ପ୍ରତିକ୍ରିୟା ରଖିଛନ୍ତି। ଦାବିପତ୍ର ଦେବା ସମୟରେ ସଭାପତି ଅଭିଜିତ୍ ନାୟକ, ଉପସଭାପତି ଦୀପ୍ତିଶ୍ କୁମାର ସ୍ୱାଇଁ, ସହ-ସମ୍ପାଦକ ଅଶୋକ କୁମାର ନାୟକ, କୋଷାଧ୍ୟକ୍ଷ ବିକ୍ରମ କେଶରୀ କାଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ।

## ସ୍ୱଷ୍ଟ ଦିବାଲୋକରେ ଡକାୟତି ଉଦ୍ୟମ

# ଡକାୟତକୁ କାବୁ କଲେ ଯୁବକ

**ଭୁବନ, ୧୩।୨(ସମିସ):** ଭୁବନ ଥାନା ଅନ୍ତର୍ଗତ ଅରବିନ୍ଦ ସ୍କୁଲ ନିକଟରେ ସ୍ୱଷ୍ଟ ଦିବାଲୋକରେ ଜନୈକା ମହିଳାଙ୍କଠାରୁ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଯୁବକ ତାକୁ କାବୁ କରିବାରେ ସକ୍ଷମ ହୋଇଛନ୍ତି।

ଭୁବନ ବସଷ୍ଟାଣ୍ଡ ନିକଟବର୍ତ୍ତି ଅରବିନ୍ଦ ମାର୍ଗ ଠାରେ ନିର୍ଝରିଣୀ ସାହୁ ନିଜ ବାସଘର ବାରଣ୍ଡାରେ ବସିଥିବା ସମୟରେ ଜନୈକ

**● ବନ୍ଧୁକ ସହ ଜୀବନ୍ତ ଗୁଳି ଓ ମୋବାଇଲ୍ ଜବତ**

ଯୁବକ ଏକ ମୋଟରସାଇକଲ ଯୋଗେ ଆସି କାଚେରା ସାହିକୁ ରାସ୍ତା ସମ୍ପର୍କରେ ପଚାରିଥିଲା। ହଠାତ୍ ସେ ବାଇକ୍‌ରୁ ଓହ୍ଲାଇ ତାଙ୍କୁ ବନ୍ଧୁକ ମୁନରେ ଭୟଭୀତ କରିବା ସହିତ ଡକାୟତୀ ଉଦ୍ୟମ କରିଥିଲା। ଦୁର୍ବୃତ୍ତର ଏହି ସମୟରେ ମୋଟରସାଇକଲଟି ଷ୍ଟାର୍ଟରେ ରହିଥିଲା। ମହିଳା ଜଣଙ୍କ ଚିତ୍କାର କରିବାରୁ ଘର ଭିତରେ ଥିବା ତାଙ୍କ ପୁଅ ପ୍ରଭାତ ଦୌଡ଼ି ଆସି ଦୁର୍ବୃତ୍ତକୁ କାବୁ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଡକାୟତ କୌଶଳକ୍ରମେ ଫେରାର ହୋଇଯାଇଛି। କାବୁ ହୋଇଥିବା ଡକାୟତଠାରୁ ଗୋଟିଏ ବନ୍ଧୁକ, ୨ଟି ଜୀବନ୍ତ ଗୁଳି, ଗୋଟିଏ କି ପ୍ୟାଡ୍ ମୋବାଇଲ ସହିତ ନଗଦ ୫୦୦ ଟଙ୍କା ପୁଲିସ ଜବତ କରିଛି। ଭୁବନ ଅଞ୍ଚଳରେ ସ୍ୱଷ୍ଟ ଦିବାଲୋକରେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏଭଳି ଡକାୟତି



ଉଦ୍ୟମ ଘଟଣା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଡକାୟତର ମୋବାଇଲରୁ ଠିକଣା ଓ ତାଙ୍କ ସହକର୍ମୀଙ୍କ ଠିକଣା ଜଣାପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି। ଗିରଫ ଡକାୟତ ହିନ୍ଦୀରେ କଥା ହେଉଥିବା ଜଣାପଡ଼ିଛି। ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି ଯେ, ଡକାୟତର ନାମ ସୁଧୀର ସର୍ଦ୍ଦାର, ସେ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ବାସିନ୍ଦା। ତେବେ ଗତ କିଛି ମାସ ମଧ୍ୟରେରେ ରାହାଜାନୀ, ଡକାୟତି, ଲୁଟ ହୋଇଥିବା ବେଳେ ପୁଲିସ ଓ ଗୁଇନ୍ଦା ବିଭାଗ ହାତବାନ୍ଧି ବସିଛି। ଯୁବକ ପ୍ରଭାତଙ୍କ ସାହସିକତାକୁ ଜନସାଧାରଣ ପ୍ରଶଂସା କରିଛନ୍ତି।



# ମହିମା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ଅନୁଗୋଳ, ୧୩।୨(ସମିସ):** ଅନୁଗୋଳ ମହିମା ଧାମ ଅଙ୍ଗାର ବନ୍ଧରେ ଚାଲିଥିବା ଅନ୍ତର୍ଜାତୀୟ ମହିମା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାର ଓ ରଘୁରାଜପୁରର ଗୋଟି ପୁଅ ନୃତ୍ୟ ପରେ ପରେ ଆରମ୍ଭ ହୋଇଥିଲା ସଭାକାର୍ଯ୍ୟ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଉପଜିଲ୍ଲାପାଳ ଅନୁଗୋଳ ମାୟାଧର ବେହେରା,



ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ, ସରପଞ୍ଚ ସୁଜାତା ସାହୁ, ସମିତି ସଭ୍ୟ ସୁଜାତା ସ୍ୱାଇଁ, ବାବା ମଦନ ଦାସ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶାନ୍ତନୁ ସର ଉପସ୍ଥିତଥିଲେ। ଶେଷରେ ଓଲିଉଡ଼ ଗାୟକ ଦୀପ୍ତି ରେଖା ପାଢ଼ୀ ସଙ୍ଗୀତ ପରିବେଷଣ କରିଥିଲେ।

# ବଡଲିଗଡ଼ କୁଣ୍ଡପଥର ଗେଟ୍ ଉଦ୍‌ଘାଟିତ

**ବଅଁରପାଳ, ୧୩।୨(ସମିସ):** ବଅଁରପାଳ ବ୍ଲକ ଅନ୍ତର୍ଗତ ବଡଲିଠାରେ କୁଣ୍ଡପଥରର ନୂତନ ଗେଟ୍ ଓ ପାଚେରି ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ନୂତନ ଗେଟ୍‌ର ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ୨୮ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ବଅଁରପାଳ ବିଡିଓ ଲୋଚନ ଦାସ, ବଡଲିଗଡ଼ ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ, ପୂର୍ବତନ ସରପଞ୍ଚ ନନ୍ଦନ ସାମଲ ଓ ବିଜେପି କର୍ମୀ ଦିଲୀପ ଭୁକ୍ତା, ପ୍ରୋମୋଦ



ପରିଡ଼ା, ମାଗୁଣି ଭୁକ୍ତା, ଆଦିକନ୍ଦ ସାମଲ, ଚିତ୍ତରଞ୍ଜନ ଗଡ଼ନାୟକ, ରଞ୍ଜିତ ଭୁକ୍ତା, କାଳୁ ଗଡ଼ନାୟକ, ସୁମନ ଗଡ଼ନାୟକ, ପ୍ରତାପ ନାଏକ ଓ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରିକିଆ ଠାରେ ଥିବା ଖେଳ ପଡ଼ିଆ ଓ କମ୍ୟୁନିଟ୍ ସେଣ୍ଟର, ଓ ଅରାହଟ ଠାରେ ଥିବା କ୍ଲବ ଘର ମଧ୍ୟ ଉଦ୍‌ଘାଟନ କରିଥିଲେ।

# ହାଇୱା-ବାଇକ୍ ଧକ୍କା, ଜଣେ ମୃତ

**କଣିହାଁ, ୧୩।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ-ଡେରେଙ୍ଗ୍ ରାସ୍ତାରେ ବାଇକ୍ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଡେରଙ୍ଗ ଗ୍ରାମର ରମେଶ ନାଏକ (୨୦)। ସୂଚନାରୁ ଜଣାଯାଏ ଯେ, ବୁଧବାର ବିଳମ୍ବିତ ରାତ୍ରିରେ ମସୁଣିହତା ଗ୍ରାମରୁ ଯାତ୍ରା ଦେଖି ଘରକୁ ବାଇକ୍‌ରେ ଫେରୁଥିବା ବେଳେ ହାଇୱା ଗାଡି (ଓଡି୩୫-ଇ-୫୮୯୫) ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କଣିହାଁ ଥାନାରେ ମିନା ନାଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ କେସ ନଂ ୪୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନାରେ ହାଇୱା ଗାଡ଼ି ଜବତ ହୋଇଛି।

**● ପଡ଼ିରହିଛି ୩ କୋଟି ୩୦ ଲକ୍ଷର ଅନୁଦାନ**

# ନିର୍ମାଣ ହେଉନି ୬ଟି ଉପସ୍ୱାସ୍ଥ୍ୟକେନ୍ଦ୍ର

**କିଶୋରନଗର, ୧୩।୨(ସମିସ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନଗୁଳ ଜିଲ୍ଲା କିଶୋରନଗର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ବାମ୍ବୁର, ଓସ୍କାପାଲ୍ଲୀ, ସଞ୍ଜାମୁରା, ହିମିତିରା, ରଣିଆକଟା ଓ କଦଳୀମୁଣ୍ଡାରେ ନୂତନ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ସମୁଦାୟ ୩ କୋଟି ୩୦ଲକ୍ଷ ଟଙ୍କା ଅନୁଦାନ ଆସି ଦୀର୍ଘମାସ ହେବ ପଡ଼ିରହିଛି। ଆଜି ଯାଏଁ ନିର୍ମାଣ କାମ ଆରମ୍ଭ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ ଏହି ଅଞ୍ଚଳରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନ ହେବାରୁ ସ୍ଥାନୀୟ ଜନସାଧାରଣଙ୍କୁ ସୁଚାରୁ ରୂପେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ବିଭାଗ ପକ୍ଷରୁ ଅନେକ ଅସୁବିଧା ସୃଷ୍ଟି ହେଉଛି। ଏ ସମ୍ପର୍କରେ ଏନ୍ଏଚ୍ଏମ୍ ସହକାରୀ ଯନ୍ତ୍ରୀ ସୁନୀଲ ଦେହୁରୀଙ୍କୁ ପଚାରିବାରୁ ପ୍ରତି ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ୫୫ ଲକ୍ଷ ଟଙ୍କା ଅନୁଦାନ ଆସି ଟେଣ୍ଡର ପ୍ରକ୍ରିୟା ସରି ଏଗ୍ରିମେଣ୍ଟ ମଧ୍ୟ ଶେଷ ହୋଇଛି। ହେଲେ ତହସିଲ ପ୍ରଶାସନକୁ ଜାଗା ଯୋଗାଇ ଦେବାକୁ ଚିଠି ଲେଖାଯାଇଛି। ଏ ଯାଏଁ ଜାଗା ଯୋଗାଇ ଦିଆଯାଇନାହିଁ ବୋଲି ସେ କହିଛନ୍ତି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# କଣିହାଁ ବ୍ଲକ୍‌ସ୍ତରୀୟ 'ନିପୁଣ ଓଡ଼ିଶା' ମେଳା

**କଣିହାଁ, ୧୩।୨(ସମିସ):** କଣିହାଁ ବ୍ଲକସ୍ତରୀୟ 'ନିପୁଣ ଓଡ଼ିଶା' ମେଳା ସ୍ଥାନୀୟ ହଟିଂ ଏରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ୯ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ମଙ୍ଗୁଲୁ ଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ପ୍ରଧାନ ଓ ସୁଜନ କୁମାର ସାହୁ, ସ୍ୱେଚ୍ଛାସେବୀ ନିର୍ମଳ ସାହୁ, କଣିହାଁ ସରପଞ୍ଚ ରଞ୍ଜିତ ବେହେରା, ହଟିଂ ଏରିଆ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସେନାପତି, ଏସଏମସି ଅଧ୍ୟକ୍ଷା ଫୁଲମଣି ମୁର୍ମୁ, ସିଆରସିସି ମାନସ କୁମାର



ସାହୁ ଯୋଗ ଦେଇଥିଲେ। ଏହି ସମାରୋହରେ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷୟିତ୍ରୀ ନିରୁପମା ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ୧୭ଟି କ୍ଲଷ୍ଟରରୁ ସ୍ଥାନୀତ ହୋଇଥିବା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ଶିକ୍ଷଣ ସାଧନ ଉପକରଣ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରି ପରିଦର୍ଶନ କରିଥିଲେ। ଏହି ମେଳାରୁ ୧୮ ଟି ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ 'ନିପୁଣ ଓଡ଼ିଶା' ମେଳା ପାଇଁ ମନୋନୀତ କରାଯାଇଥିଲା। ପରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଉଭୟ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ ପ୍ରଦର୍ଶନୀରେ ଏଫଏଲଏନ ଗ୍ରେଡ୍ ୧, ୨ ଓ ୩ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ମୁନା ନାଏକ ପୁରସ୍କାର ବିତରଣ ସଭାକୁ ପରିଚାଳନା କରିଥିଲେ। ହାତିଆଦଣ୍ଡା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭ କ୍ଲଷ୍ଟରର ସିଆରସିସି, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇ ସହଯୋଗ କରିଥିଲେ।

# ରାସୋଳକୁ ନୂତନ ବ୍ଲକ୍ ଗଠନ ଦାବି



**ରାସୋଳ, ୧୩।୨(ସମିସ):** ଢେଙ୍କାନାଳ ଜିଲ୍ଲାର ରାସୋଳକୁ ଏକ ନୂତନ ବ୍ଲକ ଗଠନ କରିବା ନେଇ ରାସୋଳ ବିକାଶ ପରିଷଦ ତରଫରୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ରାସୋଳକୁ ନୂତନ ବ୍ଲକ ଭାବରେ ଗଠନ କରିବାକୁ ଏକ ବୈଠକ ଅନୁଷ୍ଠିତ ହେବା ସହିତ ଆଗାମୀ ଦିନରେ ପଞ୍ଚାୟତ ସଂଖ୍ୟା ବୃଦ୍ଧିକୁ ନେଇ ଅଲୋଚନା ସହିତ ବିଧିବଦ୍ଧ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଚଳିତ ବର୍ଷ ରାସୋଳ ମହୋତ୍ସବ ୨୦୨୫ ପାଇଁ ରାସୋଳ ବିକାଶ ପରିଷଦର ସଭ୍ୟମାନେ ପ୍ରସ୍ତୁତି କରିଥିଲେ। ଏହି ବୈଠକରେ ବିକାଶ ପରିଷଦର ସଭାପତି, ସମ୍ପାଦକ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# କମନ୍ ୟୁଜର୍ସ ପେଟ୍ରୋଲିୟମ୍ ତୈଳଡିପୋ କେବେ?

ଢେଙ୍କାନାଳ/ଅନୁଗୋଳ, ୧୩।୨(ସମିସ)

ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ସଦାଶିବପୁର ପଞ୍ଚାୟତର ତେନ୍ତୁଲିଆପଡ଼ାଠାରେଠାରେ କମନ ୟୁଜର୍ସ ପେଟ୍ରୋଲିୟମ ଫାସିଲିଟିର ଅତ୍ୟାଧୁନିକ ତୈଳଡିପୋ ନିର୍ମାଣ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରାୟ ୪୯ ଏକର ଜମିରେ ନିର୍ମିତ ହେଉଛି କମନ୍ ୟୁଜର୍ସ ଫାସିଲିଟି ତୈଳ ଡିପୋ। ଏହି ଡିପୋରେ ୩୯୪କୋଟି ଟଙ୍କା ବିନିଯୋଗ କରାଯାଇ ଆସନ୍ତା ୨୦୨୩ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହା ଶେଷ ହେଉନାହିଁ। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକମାନେ ନିଯୁକ୍ତି ପାଇବା ସହିତ ରେଳ ଷ୍ଟେସନ, ରାସ୍ତାର ମଧ୍ୟ ବିକାଶ ହେବ ବୋଲି ଯେଉଁ ସମ୍ଭାବନା ରହିଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ୪ଟି ଜିଲ୍ଲା ଢେଙ୍କାନାଳ, ଅନୁଗୁଳ, କେଉଁଝର ଏବଂ ଦେବଗଡ଼ର ଜନସାଧାରଣ ଉପକୃତ ହୋଇପାରିବେ। ପାରଦୀପ ତୈଳ ବିଶୋଧାନାଗାରରୁ ପାଇପ୍ ଯୋଗେ ଏବଂ ରେଳଯୋଗେ ତୈଳ ପରିବହନ ହେବ ବୋଲି ଯୋଜନା ରହିଥିଲା। କମନ୍ ୟୁଜର୍ସ ଫାସଲିଟି ଦ୍ୱାରା ୪ଟି ଜିଲ୍ଲାବାସୀଙ୍କ ଆଶା ରହିଥିଲା। ପ୍ରାୟ ୪୨ ହଜାର କିଲୋଲିଟର କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ବିକାଶ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ଦିର୍ଘ ୧୯ କିମି ଦୂରରେ ଥିବା ପାରାଦୀପ-ରାୟପୁର ପାଇପ୍ ଲାଇନରୁ ତୈଳ ଆସିବ ଏବଂ ରେଳ ଯୋଗେ ତୈଳ ଆସିବା ପରେ

**● ସଂସଦରେ ପ୍ରଶ୍ନ କଲେ ରୁଦ୍ର ପାଣି**

ଏଠାରେ ଗଚ୍ଛିତ ହୋଇ ଯୋଗାଣ ହେବ। ଜିଲ୍ଲାର ବିଭିନ୍ନ କମ୍ପାନୀର ୩ଶହରୁ ଅଧିକ ପେଟ୍ରୋଲ ଡିଜେଲ ପମ୍ପ ରହିଛି, ଏହାଦ୍ୱାରା ସେମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ଏହି କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ବିଗତ ଦିନରେ ସାଂସଦ ରୁଦ୍ର ନାରାୟଣ ପାଣି ସଦାସର୍ବଦା ଲୋକଙ୍କର ସମସ୍ୟା ତଥା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ନେଇ ଲୋକସଭାରେ ବିଭିନ୍ନ ସମୟରେ ପ୍ରଶ୍ନ କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ଏକ ତାରକା ପ୍ରଶ୍ନ ସଂଖ୍ୟା ୧୫୩୨ ଯୋଗେ ଢେଙ୍କାନାଳ ଜିଲ୍ଲାର ତେନ୍ତୁଲିଆପଡ଼ାରେ ଭାରତୀୟ ତୈଳ ନିଗମର ଡିପୋ କାର୍ଯ୍ୟ କେବେ ସରିବ ଏବଂ କେବେ ତାହା କାର୍ଯ୍ୟକ୍ଷମ ହେବାକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ୱଷ୍ଟୀକରଣ ମାଗିଥିଲେ ମଧ୍ୟ ତୈଳ ଡିପୋର କାର୍ଯ୍ୟ ଏଯାଏ ଶେଷ ହୋଇନାହିଁ। ସାଂସଦ ଶ୍ରୀ ପାଣିଙ୍କ ପ୍ରଶ୍ନର ଉତ୍ତରରେ ଢେଙ୍କାନାଳ ତେନ୍ତୁଲିଆପଡ଼ାରେ ୩୯୪ କୋଟି ବ୍ୟୟରେ ଭାରତ ପେଟ୍ରୋଲିୟମ ଦ୍ୱାରା ତୈଳ ଡିପୋ ତିଆରି ଚାଲିଛି ବୋଲି କହିବା ସହିତ ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଲୋକସଭାରେ ସ୍ୱଷ୍ଟୀକରଣ ଦେଇଛନ୍ତି। କିନ୍ତୁ ଏହା କେବେ ଶେଷ ହେବ ତାହାର କୌଣସି ସଠିକ୍ ତଥ୍ୟ ନଥିବା ବେଳେ ବର୍ତ୍ତମାନ ସୁଦ୍ଧା କେବଳ ପାଚେରୀ ନିର୍ମାଣ ହୋଇଛି। ସରକାର ତାଳଗଛକୁ ଗୁରୁତ୍ୱ ଦେଉଥିବା ବେଳେ ଶହ ଶହ ତାଳଗଛକୁ କାଟି ଏହି ତୈଳ ଡିପୋ ନିର୍ମାଣ କରାଯାଉଛି।

## ନାରାୟଣପୁର-ନରସିଂହପୁର ନଦୀବନ୍ଧ ରାସ୍ତା

# ପ୍ରଶସ୍ତିକରଣ କାମରେ ଧସାବାଲି ବ୍ୟବହାର, ଅଞ୍ଚଳବାସୀଙ୍କ ଅସନ୍ତୋଷ

ମାର୍ଶାଘାଇ,୧୩।୨(ସମିସ):



ମାର୍ଶାଘାଇ ବ୍ଲକ୍ ଚିତ୍ରୋତ୍ପଳା ନଦୀର ଉତ୍ତର ପାଶ୍ୱର୍ ନାରାୟଣପୁର-ନରସିଂହପୁର ନଦୀବନ୍ଧ ରାସ୍ତାର ପ୍ରଶସ୍ତିକରଣ କାମ କରାଯାଉଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ ନଦୀବନ୍ଧ ପାଶ୍ୱର୍ରେ ଧସାବାଲି ଦ୍ୱାରା ପ୍ରଶସ୍ତିକରଣ କାମ କରାଯାଉଛି। ଏ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀବନ୍ଧର ସ୍ଥାୟିତ୍ୱ ଓ ବନ୍ୟା ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରୁଛନ୍ତି।

ନାରାୟଣପୁର ଓ ନରସିଂହପୁର ନଦୀବନ୍ଧ ରାସ୍ତା ଦୁଇ ପଞ୍ଚାୟତ ପରକୁଳା, ରାଘବପୁର ଲୋକଙ୍କ ଗମନାଗମନ ପାଇଁ ଏକମାତ୍ର ଲାଇଫଲାଇନ୍ ଭାବେ ପରିଗଣିତ ହୋଇଆସୁଛି। ନଦୀବନ୍ଧ ରାସ୍ତା ଉପରେ ୧୦ଟି ଗ୍ରାମ ପିକରାଳି, ପରକୁଳା, ନାରାୟଣପୁର, ଆଙ୍କୋ, କଣ୍ଟାଗୋବିନ୍ଦ, ରାଘବପୁର, ନରସିଂହପୁର, ପୋଦନା, ମାଣ୍ଡିଆ, ମାଣ୍ଡିଆକୁଦର ୧୨ ହଜାରରୁ ଊର୍ଦ୍ଧ୍ୱ ଲୋକ ସଦର ମହକୁମାକୁ ଯାତାୟତ ପାଇଁ ନିର୍ଭରଶୀଳ ଅଟନ୍ତି। ଏହି ନଦୀବନ୍ଧ ରାସ୍ତା କାମର ତଦାରଖ ଅଭାବ ଓ ଠିକାଦାରଙ୍କ ତୁଷ୍ଟିକରଣ, କର୍ମୀ ଥଇଥାନ କରାଯାଇ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ବଳି ଦିଆଯାଇଛି। ବାରମ୍ବାର କୋଟି କୋଟି ଟଙ୍କା ନଦୀବନ୍ଧ ମରାମତି ଓ ନବୀକରଣ ଯୋଜନା ପାଇଁ ମଞ୍ଜୁର କରାଯାଉଛି। କିନ୍ତୁ ଠିକାଦାରଙ୍କ ମନମାନୀ ଓ ନିମ୍ନମାନର କାମ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ନ ଦେବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

ଏହି ନଦୀବନ୍ଧ ରାସ୍ତା ଚାରିବର୍ଷ ପୂର୍ବେ ୧ କୋଟି ବ୍ୟୟରେ ନବୀକରଣ କାର୍ଯ୍ୟ କରାଯାଇଥିଲା। ଚୁକ୍ତିନାମା ଅନୁଯାଇ ଯନ୍ତ୍ରୀ ଓ ଠିକାଦାର ବୁଝାମଣାରେ କାର୍ଯ୍ୟ କରାଗଲା। ଚୁକ୍ତିନାମାରେ ନଦୀବନ୍ଧ ମେଣ୍ଟାଲିଂ କାର୍ଯ୍ୟକୁ ଆଦୌ କରାଯାଇ ନ ଥିବା ଅଭିଯୋଗକୁ ବର୍ତ୍ତମାନର ଯନ୍ତ୍ରୀ ଅଶୋକ କୁମାର ସାହୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ବର୍ଷେ ନ ପୁରୁଣୁ ନଦୀବନ୍ଧ ରାସ୍ତା ଖାଲଖମା ଯୋଗୁଁ ଯାତାୟତ ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ପୁନର୍ବାର ନରସିଂହପୁର-ନାରାୟଣପୁର ପର୍ଯ୍ୟନ୍ତ ୨ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟରେ ୬ କିମି ନଦୀବନ୍ଧ ନବୀକରଣ କାମ ହାତକୁ ନିଆଯାଇଛି। ନଦୀବନ୍ଧର ଉଭୟପାଶ୍ୱର୍ରେ ୩ ଫୁଟ ମାଟି କଟାଯାଇ ବେଞ୍ଚିଂ କାମ କରାଯିବ। ଯାହିକି ଠିକଣା ଭାବେ ପ୍ରଶସ୍ତିକରଣ କରାଯାଉନାହିଁ। ସ୍ଥାନେ ସ୍ଥାନେ ନଦୀବନ୍ଧ ଉଭୟ ପାଶ୍ୱର୍ ମାଟି କଟାଯାଇ ବେଞ୍ଚିଂ କରା ନ ଯାଇ ନଦୀବନ୍ଧ ଉପରେ ମାଟି ଥପାଯାଇଛି। ଧସାବାଲିରେ ନବୀକରଣ ଯୋଜନା କାହାସ୍ୱାର୍ଥରେ ବୋଲି ଅଭିଯୋଗ ହେଉଛି। ଧସାବାଲିରେ ନବୀକରଣ କାମ ହେଉଥିବାରୁ ବର୍ଷାଦିନେ ଧସିଯିବା ସହ ପୂର୍ବ ଅବସ୍ଥାକୁ ଫେରିଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ଯନ୍ତ୍ରୀ ଠିକାଦାରଙ୍କ ପକ୍ଷନେଇ ଏତେ ଏଷ୍ଟିମେଣ୍ଟ ମାଟି କାମ ନାହିଁ ବୋଲି କହି ଗ୍ରାମବାସୀଙ୍କ ମୁହଁ ବନ୍ଦ କରି ଦେଉଛନ୍ତି।

ମାଟି କାମ ଶେଷ ହେବାପରେ ୬ ଇଞ୍ଚ ଡବ୍ଲୁଏମ୍ ମେଣ୍ଟାଲିଂ କରାଯିବାର ଯୋଜନା ରହିଛି। ଯଦି ଯନ୍ତ୍ରୀ ଠିକ୍ ଭାବେ ତଦାରଖ ନ କରନ୍ତି, ପୂର୍ବ ଭଳି ମେଣ୍ଟାଲିଂ କାର୍ଯ୍ୟ ନିମ୍ନମାନର କରାଯିବାର ଆଶଙ୍କା ସୃଷ୍ଟି ହେଉଛି। ଏହି ନଦୀବନ୍ଧ କାମ ୩ଟି ଠିକାସଂସ୍ଥା ହାତେଇଛନ୍ତି। ନରସିଂହପୁର ଓ ପିକରାଳି ନିକଟରେ ନଦୀବନ୍ଧ ବେଞ୍ଚିଂକରାଯାଇ ମାଟି କାମ କରାଯାଉଛି। ନାରାୟଣପୁର ପଟୁ ଶାସନିପଡ଼ା ସେତୁ ନିକଟରୁ ପରକୁଳା ପର୍ଯ୍ୟନ୍ତ ୨ କିମି ବେଞ୍ଚିଂ ଆଦୌ କରା ନ ଯାଇ ଧସାବାଲିରେ ନଦୀବନ୍ଧ ନବୀକରଣ କାମ କରାଯାଉଛି। କୋଟି କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବାବେଳେ ପୁନ୍ଦାଳୋ ନର୍ଥ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକ, ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ ଠିକ୍ ଭାବେ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବାରିକଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ତେବେ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଘରପୋଡ଼ି, ୪ ଗୋରୁ ଜୀବନ୍ତଦଗ୍ଧ

ରାଜକନିକା,୧୩।୨(ସମିସ): ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଭାବରେ ଗୋଟେ ପରିବାର ଅନୁପସ୍ଥିତି ଥିବା ସମୟରେ ନିଆଁ ଲଗାଇ ଘର ପୋଡ଼ି ଦିଆଯାଇଛି। ଏହି ଅଗ୍ନିକାଣ୍ଡରେ ୪ ଗାଈ ଜୀବନ୍ତ ଦଗ୍ଧ ହେବା ସହ ଧାନ ଓ ଅନ୍ୟ ଆସବାବପତ୍ର ପୋଡି ନଷ୍ଟ ହୋଇଛି। ଏହି ଘଟଣା ସମ୍ପର୍କରେ ଥାନାରେ ଏତଲା ହୋଇଛି। ଅଭିଯୋଗ ମୁତାବକ ରାଜକନିକା ଥାନା ଲୁହାରମହି ଗାଁର ରସିଦ ମହମ୍ମଦ ଆଜି ସକାଳେ ଥାନାରେ ଲିଖିତ ଏତଲା ଦେଇ ସେହି ଗାଁ ର ତସୋମଲ ମହମ୍ମଦ, ୱାସୀମ ମହମ୍ମଦ, ଯାହାଙ୍ଗୀର ମହମ୍ମଦ, ଇସିମଲ ମହମ୍ମଦ, ତେସିନ ମହମ୍ମଦ, ତକ୍ଷିତ ମହମ୍ମଦ, ଦାନ ମହମ୍ମଦ, ସନ୍ନି ମହମ୍ମଦ, ଲାଲୁ ମହମ୍ମଦ, କେତାବିନ ବିବି, ଯୋବ୍ରାତୁନ ବିବି, ଜାଲିମା ବିବି, ନସୀମା ବେଗମ ପ୍ରମୁଖ ମିଳିତ ହୋଇ ଆକ୍ରୋଶମୂଳକ ଭାବରେ ତାଙ୍କ ଘରେ ନିଆଁ ଲଗାଇ ଦେବାରୁ ତାଙ୍କର ଘର ସହ ୪ ଟି ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।ତାଙ୍କର ଘରେ ଥିବା ୧୦ କୁଇଣ୍ଟାଲ ଧାନ, ଇଟା ଗଦା, ଅନ୍ୟ ଆସବାବପତ୍ର ପୋଡି ଯିବାରୁ ସେ ଦାଣ୍ଡର ଭିକାରୀ ହୋଇଯାଇଛନ୍ତି । ତାଙ୍କର ସର୍ବସ୍ୱ ଉଜାଡି ଦେଇଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତାଙ୍କୁ କ୍ଷତି ପୂରଣ ଦେବାକୁ ସେ ପୁଲିସ ଓ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି ।ଘରପୋଡି ଖବର ପାଇ ଗତକାଲି ଦମକଳ ବାହିନୀ ଯାଇଥିଲେ ବି ଘର ସପୂର୍ଣ୍ଣ ପୋଡି ଯାଇଥିଲା। ଆଜି କନିକା ତହସିଲ ପକ୍ଷରୁ ଅତିତିକ୍ତ ତହସିଲଦାର ଓ ଆରଆଇ ଘଟଣାସ୍ଥଳ ପରିଦର୍ଶନ କରି ପାଲ ଯୋଗାଇ ଦେବା ସହ ମୃତ ଗୋରୁଙ୍କ ନିୟମ ମୁତାବକ କ୍ଷତି ଭରଣା ପାଇଁ ତଦନ୍ତ କରିଛନ୍ତି। ମୃତ ଗୋରୁଙ୍କର ପୋଷ୍ଟମର୍ଟମ କରାଯିବା ସହ ପୁଲିସ ମଧ୍ୟ ଘଟଣାର ଅନୁସନ୍ଧାନ ଚଲାଇଛି।

## ରାଜ୍ୟ ଚେସ୍ ଆସୋସିଏସନର ଯୁଗ୍ମ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ମହାକାଳପଡ଼ା,୧୩।୨(ସମିସ): ମହାକାଳପଡ଼ା ବିଜୟନଗର ବଟମହାପୁରୁଷ ପୀଠରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନର ନବନିର୍ବାଚିତ ଯୁଗ୍ମସମ୍ପାଦକ ଭବେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଆସୋସିଏସନର ସମ୍ପାଦକ ଥିବା ଭବେଶ ମହାନ୍ତି ଅଲ୍ ଓଡ଼ିଶା ଚେସ ଆସୋସିଏସନର ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ଯୁଗ୍ମସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ବରିଷ୍ଠ ବିଜେପି ନେତା ବିଷ୍ଣୁ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଆସୋସିଏସନର କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ସିଂ, ଉପସଭାପତି ଲଲାଟ କେଶରୀ ସାମଲ, ଯୁଗ୍ମସମ୍ପାଦକ ନାରାୟଣ ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ହିମାଂଶୁ ଶେଖର ନାୟକ, ସୁଧାଂଶୁ ଭୂଷଣ ସେଠୀ, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, କେନ୍ଦ୍ରାପଡ଼ା ଟେନିସ ଆସୋସିଏସନ ସମ୍ପାଦକ ଜ୍ୟୋତିର୍ମୟ ଦାସ, ପୂର୍ବତନ ରାଜ୍ୟ ଚେସ ଚାମ୍ପିଅନ୍ ମାନସ ପରିଡ଼ା, ପ୍ରଭାସ ଚନ୍ଦ୍ର ଦାସ, କୁଳମଣି ଦାସ, ଦେବେନ୍ଦ୍ର କୁମାର ସ୍ୱାଇଁ, ବିଜୟ କୁମାର ସାହୁ ପ୍ରମୁଖ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଭବେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ପଟ୍ଟାମୁଣ୍ଡାଇ,୧୩।୨(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ଦୀର୍ଘ ୭୬ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏ ଅଞ୍ଚଳର ଅନ୍ୟତମ ଗଣପର୍ବ ତଥା ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୪ ତାରିଖ ଠାରୁ ୧୨ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପି ଆୟୋଜିତ ହୋଇଯାଇଛି। ୧୨ ତାରିଖ ଦିନ ଅଗ୍ନି ପୂର୍ଣ୍ଣିମା ଅବସରରେ ପୂର୍ଣ୍ଣାହୂତି ଦିଆଯାଇ ଉଦଯାପନ କରାଯାଇଛି । ବହୁ ବିଦ୍ୱାନ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ର ଧ୍ୱନି ଓ ହୋମ ଯଜ୍ଞ ମଧ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞର ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇଛି । ଏହି ମହାଯଜ୍ଞର ବିଭିନ୍ନ ଦିବସରେ ରାଜନଗର ବିଧାୟକ ଧ୍ରୁବ ସାହୁ,କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ,ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର,ଉପସଭାପତି ମୋହନ ଦାସ(ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁ, ସୁଦର୍ଶନ ଦାସ,ରବୀନ୍ଦ୍ର ସାହୁ ଅଚ୍ୟୁତ ଜେନା, ହରିହର ସାହୁ,କିଶୋର ଜେନା (ବାଇନ), ବସନ୍ତ ପ୍ରଧାନ, ବ୍ରଜ କିଶୋର ତ୍ରିପାଠୀ, ସମ୍ବିତ ଦାସ,ପ୍ରତାପ ସାହୁ (ବାବୁଲି), ଅଜୟ ପାଢ଼ୀ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇ ଯଜ୍ଞ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ସହଯୋଗ କରିଥିଲେ ।ବିଶ୍ୱଶାନ୍ତି ମହାଯଜ୍ଞକୁ ସରସ ସୁନ୍ଦର କରିବା ପାଇଁ ମୀନା ବଜାର, ରାମ ଦୋଳି, ଚିଡ଼ିଆଖାନା ଆଦି ବିଭିନ୍ନ ମନୋରଞ୍ଜନକାରୀ ସଂସ୍ଥା ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ ପ୍ରମୁଖ ପୁଲିସ ଫଉଜ ସହ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ଦକ୍ଷତା ବିକାଶ କର୍ମଶାଳା

ରାଜକନିକା,୧୩।୨(ସମିସ): ରାଜକନିକା ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ଚାଷ କରିଆସୁଥିବା ପରିବାର ମଧ୍ୟରେ ଉଦ୍ୟାନ କୃଷି ସମ୍ପର୍କରେ ମୌଳିକ ଜ୍ଞାନକୌଶଳ ପ୍ରଦାନ ପାଇଁ ଆଜି ଦକ୍ଷତା ବିକାଶ କର୍ମଶାଳାର ଆୟୋଜନ କରାଯାଇଥିଲା। ଦୁଇଦିନିଆ ଏହି କର୍ମଶାଳାରେ ମହୁଚାଷ, ଆଳୁଚାଷ ସମ୍ପର୍କରେ ଜ୍ଞାନକୌଶଳ ପ୍ରଦାନ କରାଯାଇଛି। ଫସଲରେ ରୋଗ ପୋକ ନିୟନ୍ତ୍ରଣ, ଆମ୍ବ ଫସଲର ବଉଳ ସମସ୍ୟା ଆଦି ସମ୍ପର୍କରେ ଜିଲ୍ଲା ସହକାରୀ ଉଦ୍ୟାନ କୃଷି ଅଧିକାରୀ ମୋନାଲିସା ମନ୍ତ୍ରୀ, ନମିତା ମହାପାତ୍ର, ପ୍ରମୋଦ ବିଶ୍ୱାଳ, ରଜନୀକାନ୍ତ ଦାସ, ସୌରଭ ମହାପାତ୍ର, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଚାଷୀ ଭାଇଭଉଣୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁଷ୍ଠିତ ଏହି ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ଦକ୍ଷତା ବିକାଶ କର୍ମଶାଳାକୁ ସ୍ୱରୂପ ରାୟ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଓ କର୍ମଚାରୀ ପରିଚାଳନା କରିଥିଲେ।

## ମା’ ଖରାଖାଇଙ୍କ ବାର୍ଷିକ ଉତ୍ସବ

ରାଜନଗର, ୧୩।୨(ସମିସ): ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ଅନ୍ତର୍ଗତ କେରଡାସାହି ମା’ ଖରାଖଇ ନିପାନୀଶ୍ୱରୀ ଓ ମା’ ସଙ୍କଟ ତାରିଣୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଅଗିରା ପୂର୍ଣ୍ଣମୀ ଦିନ ମହାସମାରୋହରେ ପାଳନ କରାଯାଇଛି। ମା’ଙ୍କ ପାର୍ବଣ ତିଥିରେ ଶକ୍ତି ଆରାଧନା, ଧୂପ ଦୀପ, ନୈବିଦ୍ୟ, ଷୋଡ଼ଶ ପୂଜା ପାଠ କରାଯାଇଥିଲା। ସେବକ ପ୍ରଫୁଲ କୁମାର ଦାସଙ୍କ ଉପସ୍ଥିତିରେ ପ୍ରତ୍ୟୁଷରୁ ଆରମ୍ଭହୋଇ ସନ୍ଧ୍ୟାରେ ସମାପନ କରାଯାଇଥିଲା।



କୋଇଲିପୁର, କ୍ଷଣତା, ଓଉପଦା ପ୍ରଭୃତି ଗାଁର ଏକ ହଜାରରୁ ଅଧିକ ଶ୍ରଦ୍ଧାଳୁ ଭକ୍ତ ପୀଠରେ ପହଞ୍ଚି ମାଆଙ୍କୁ ଦର୍ଶନ କରିବା ସହିତ ମାନସିକ ବ୍ରତ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଦୂର୍ବ ଅନ୍ନପୂର୍ଣ୍ଣା ପରିଷଦର କଳାକାର ମାନେ ଭଜନ ପରିବେଷଣ କରିଥିଲେ। ଡ ଗୋବିନ୍ଦ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ମହାନ୍ତି, ରଞ୍ଜନ କୁମାର ସୁତାର, କାଜଲ ଜେନା, ଅରୁଣ କୁମାରଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ବଳି ବାସୁଳି ବିବାହ ସମ୍ପନ୍ନ

ରାଜକନିକା,୧୩।୨(ସମିସ): ଗତକାଲି ରାତିରେ କନିକାର ଆଲୋକିତ ପରମ୍ପରାର ଦେବୀ ମାନବ ବିବାହ ଅନୁଷ୍ଠିତ ହୋଇଯାଇଛି ।ବଜରପୁରର ଅଧିଷ୍ଠାତ୍ରୀ ଦେବୀ ମା ବାସୁଳିଙ୍କ ବିବାହ ସହ କୁମ୍ଭାର ରାଜପୁତ୍ରର ପ୍ରତୀକ ବଳି ରାଜାଙ୍କ ଉତ୍ସବ ସମ୍ପନ୍ନ ହୋଇଛି । ଏହି ବିବାହୋତ୍ସବରେ ରିଘାଗଡ଼ କୁମ୍ଭାର ରାଜବଂଶର ରାଜପୁତ୍ର ବଳିଙ୍କ ସହ ତାଙ୍କ ଭାଇଙ୍କ ମୃଣ୍ମୟପ୍ରତିକୃତିକୁ ବାଜା ବାଣ, ରୋଷଣୀ ରେ ବରଯାତ୍ରୀ ମାନଙ୍କ ନାଚ ଗୀତ ମାଧ୍ୟମରେ ଏଣ୍ଡୁଳାପୁର କୁସୁନପୁର, ବଜରପୁର ଆଦି ଗାଁ ପରିକ୍ରମା କରାଇବା ପରେ ମା’ଙ୍କ ପୀଠର ବିବାହ ବେଦୀରେ ପହଞ୍ଚାଇ ଦିଆଯାଇଥିଲା ।ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ସ୍ଥିର ହୋଇଥିବା ମାଙ୍ଗଳିକ ମୁହୂର୍ତ୍ତରେ ବ୍ରାହ୍ମଣ, ବାରିକ, ନାହାକ, ସଧବା ମହିଳାଙ୍କ ବନ୍ଦାପନାରେ ଅନୁଷ୍ଠିତ ଏହି ବିବୋହୋତ୍ସବରେ ଶହ ଶହ ନରନାରୀଙ୍କ ଉପସ୍ଥିତିରେ ମା’ଙ୍କ ପୂଜକ କନ୍ୟାଦାନ କରିଛନ୍ତି ।ବୁଧବାର ମଧ୍ୟରାତ୍ରରେ ଏହି ବିବାହ ସମ୍ପନ୍ନ ହେବା ପରେ ବିବାହ ବେଦିରେ ଉଭୟ ବର କନ୍ୟାଙ୍କୁ ରଖାଯାଇଛି ।ଆସନ୍ତାକାଲି ବାସର ରାତି ଅର୍ଥାତ ଶୁକ୍ରବାର ମଧ୍ୟ ରାତ୍ରରେ ଏହି ପୀଠକୁ ସର୍ବ ସାଧାରଣ ପ୍ରବେଶ ମନା ଥିବାରୁ ଆଜି ଓ ଆସନ୍ତାକାଲି ପ୍ରବଳ ଜନ ସମାଗମ ଲାଗି ରହିଛି । ବାସର ରାତିରେ ବର ବଳିକୁ ବଳି ପକାଯିବାର କାର୍ଯ୍ୟକ୍ରମ ଥିବାରୁ ସାଧାରଣରେ ବଳି ବାସୁଳିଙ୍କ ବିବାହ ଏକ ଉନ୍ମାଦନା ଆଣିଦେଇଛି।



## ଜିଲ୍ଲା ସଦର ମହକୁମାକୁ ରେଳଲାଇନ୍ ସଂଯୋଗ ଦାବି

ଜଗତସିଂହପୁର,୧୩।୨(ସମିସ):,୧୯୯୩ ଅପ୍ରେଲ ୩ ତାରିଖରେ ଜଗତସିଂହପୁର ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପାଇଥିଲା। ଇତିମଧ୍ୟରେ ୩୨ ବର୍ଷ ବିତିବାକୁ ବସିଥିବାବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ସ୍ତରରେ ଉଦାସୀନତା କାରଣରୁ ଅଦ୍ୟାବଧି ଜିଲ୍ଲା ସଦର ମହକୁମାକୁ ରେଳ ଲାଇନ୍ ସଂଯୋଗ ହୋଇପାରିନାହିଁ। ପୂର୍ବରୁ ବିଭିନ୍ନ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷ ଏଥିପାଇଁ ଦାବି ଉଠାଇଥିବାବେଳେ ଗତ ୨୦୨୪ ଡିସେମ୍ବର ୨ ତାରିଖରେ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ମାଧ୍ୟମରେ କନ୍ଦରପୁରଠାରୁ ଛପଡା ମଧ୍ୟରେ ଯାଇଥିବା ରେଳଲାଇନ୍‌କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟ ସହିତ ସଂଯୋଗ କରିବାକୁ ଜଣାଇଥିଲେ। ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶା ପ୍ରତି ଜଗତସିଂହପୁର ଜିଲ୍ଲାର ବଡ଼ ଅବଦାନ ରହିଥିବାବେଳେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକମାନେ ବସ୍ ଓ ଅଟୋରେ କଟକ, ପାରାଦୀପ ଓ ଅନ୍ୟ ସ୍ଥାନକୁ ଯାତାୟାତ କରିଥା’ନ୍ତି। ଭୌଗୋଳିକ ଦୃଷ୍ଟିରୁ ଏହା ସବୁଠାରୁ ଛୋଟ ଜିଲ୍ଲା ହୋଇଥିଲେ ମଧ୍ୟ ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ। ଫଳରେ ଅନେକ ସମୟରେ ରାସ୍ତା ଜାମ୍ ରହିବା ସହିତ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ଜିଲ୍ଲା ମୁଖ୍ୟାଳୟ ମଧ୍ୟଦେଇ ରେଳଲାଇନ୍ ସଂଯୋଗ କରାଗଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଧାୟକ ଶ୍ରୀ ଦାସ ରେଳମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିକୁ ବିଚାର କରି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ସଂପୃକ୍ତ ବିଭାଗର ନିର୍ଦ୍ଦେଶାଳୟକୁ ସମସ୍ତ ବିଷୟ ପରୀକ୍ଷା ନିରୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ପତ୍ରସଂଖ୍ୟା ୫୭୧/୨୦୨୫ ମାଧ୍ୟମରେ ବିଧାୟକ ଶ୍ରୀ ଦାସଙ୍କୁ ଅବଗତ କରାଇଛନ୍ତି।

## ପୁଲିସ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଜନଗର, ୧୩।୨(ସମିସ): ରାଜନଗର ବ୍ଲକର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଂଗଠନ ପ୍ରବର୍ତ୍ତନ ଆନୁକୂଲ୍ୟରେ ଜରିମୂଳ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ରାଜନଗର ଥାନାର ଭାରପ୍ରାପ୍ତ ପୁଲିସ ଅଧିକାରୀ ଅଜୟ କୁମାର ଜେନାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ଅନୁଷ୍ଠାନ ପକ୍ଷରୁ ରାଜନଗର ଆଇଆଇସି ଶ୍ରୀଜେନାଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ, ମାନପତ୍ର, ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଅବସରରେ ଆୟୋଜିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ସାବିତ୍ରୀ ଦେବୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀରଣ ମଣ୍ଡଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଶ୍ରୀଜଗନ୍ନାଥ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ଜେନା,ସମ୍ମାନିତ ଅତିଥି ଭାବେ ଚାନ୍ଦିବାଉଁଶମୂଳ ଗ୍ରାମ ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ଶ୍ରୀ ଜଗନ୍ନାଥ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ସୀତାକାନ୍ତ ରାଉଳ, ରୋଜିତା ଦାସ,ସମାଜସେବୀ ମଙ୍ଗୁଳି ମହାନ୍ତି , ମାନସ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଭଗବତୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବନୋଜ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ତହସିଲଦାରଙ୍କ କ୍ୱାର୍ଟର୍ସରୁ ଚୋରି

ରାଜନଗର, ୧୩।୨(ସମିସ): ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ସରକାରୀ ବାସଭବନରୁ ଚୋରି ହୋଇଛି। ଗତକାଲି ସନ୍ଧ୍ୟାରେ ଦୁର୍ବୃତ୍ତମାନେ କବାଟର ତାଲାଭାଙ୍ଗି ଘର ଭିତରେ ପଶିବାସହ ଆଲମୀରା ଭାଙ୍ଗିଛନ୍ତି। ଆଲମିରାରୁ କିଛି ନ ପାଇ ଶେଷରେ ଇନିଭଟର ଖୋଲି ଦେଇଛନ୍ତି। ବାସଭବନ ପଛପଟରେ ଥିବା ରାସ୍ତାରେ ଟାୱେଲ ଘୋଡ଼ାହୋଇଥିବା ଅବସ୍ଥାରେ ଇନିଭଟର ଜବତ କରିଛପୁଲିସ। ଥାନା ଠାରୁ ମାତ୍ର ତିନିଶହ ମିଟର ଦୂରରେ ଥିବା ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ ବାସଭବନରୁ ସନ୍ଧ୍ୟାରେ ଚୋରିହେବା ଘଟଣା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ସାମ୍ନାକୁ ଆଣିଛି। ତହସିଲଦାର ଶ୍ରୀ ମହାନ୍ତିଙ୍କ ସୂଚନା ମୁତାବକ ଅଫିସକାମ ଥିବାରୁ ସେ ଅଫିସରେ ଥିଲେ। ରୋଷେୟା ରାତି ପ୍ରାୟ ୯ଘଟିକା ସମୟ ରେ ବାସଭବନ ନିକଟରେ ପହଁଚିଥିଲା। ଘରର କବାଟ ଆଉଜା ହୋଇଛି ଓ ତାଲା ଝୁଲୁଥିବା ଦେଖିଥିଲେ। ଘର ଭିତରେ ପଶି ଲାଇନଦେବାରୁ ଲାଇନ ଜଳି ନ ଥିଲା। ଇନିଭଟର ନ ଥିବା ଦେଖି ତହସିଲଦାରଙ୍କୁ ଖବର ଦେଇଥିଲା। ଏ ସମ୍ପର୍କରେ ତହସିଲଦାର ପୁଲିସକୁ ଖବର ଦେଇଥିଲେ।ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ଘରର ତାଲା ଖୋଲାଥିବା ଓ ଘର ଭିତରେ ଥିବା ଆଲମିରା ଖୋଲା ଥିବା ଦେଖିଥିଲେ। ଆଲମିରାରୁ କିଛି ନ ପାଇ ଚୋର ଇନିଭଟର ଖୋଲିଦେଇ ଥିଲା। ପଛପଟ ପାଚେରି ଡେଇଁ ଇନିଭଟର ନେବାବେଳେ ସେଇବାଟେ ଲୋକେ ଯିବାଆସିବା କରୁଥିବାରୁ ଇନିଭଟର ଥୋଇଦେଇ ପଳାଇ ଯାଇଥିଲେ। ବଜାରରେ ଲାଗିଥିବା ସିସିଟିଭି କୁ ଯାଞ୍ଚକରି ପୋଲିସ ଛାନଭିନ ଆରମ୍ଭ କରିଛି।

## ରାଜନଗର ଥାନାର ନୂତନ ଆଇଆଇସି ନରେଶ ସାହୁ

ରାଜନଗର, ୧୩।୨(ସମିସ): ରାଜନଗର ଥାନରେ ନୂତନ ଆଇଆଇସି ଭାବରେ ନରେଶ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଶ୍ରୀ ସାହୁ ଖଲ୍ଲିକୋଟ ଥାନା ଆଇଆଇସି ଭାବରେ କାମ କରି ନିକଟରେ ସଂସାରଫଳ ଗ୍ରାମାଞ୍ଚଳ ଥାନା ଆଇଆଇସି ଭାବେ ଅଳ୍ପ ଦିନ ହେବ ଯୋଗଦେଇଥିଲେ। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ମୟୁରଭଞ୍ଜ ବଦଳି ହେବା ପରେ ତାଙ୍କ ସ୍ଥାନରେ ଆଇଆଇସି ଶ୍ରୀ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଆସନ୍ତା କାଲି ଦାୟିତ୍ୱ ଗ୍ରହଣ କରିବେ। ଜଣେ ଦକ୍ଷ ପୁଲିସ ଅଫିସର ଭାବରେ ତାଙ୍କର ସୁନାମ ରହିଛି।ରାଜନଗର ଭଳି ରାଜନୈତିକ ସଚେତନଶୀଳ ଅଞ୍ଚଳରେ ସେ ସମଭାବରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ନୂତନ ଆଇଆଇସି ଶ୍ରୀ ସାହୁ କହିଛନ୍ତି।



■ ଛେଡ଼ାକଣି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ପାରାଦୀପକୁ ହରାଇ ପୁରୀ ଚାମ୍ପିଅନ୍




ମହାକାଳପଡ଼ା,୧୩।୨(ସମିସ): ମହାକାଳପଡ଼ା ବ୍ଲକ ଛେଡ଼ାକଣି ଗ୍ରାମ ଖେଳ ପଡ଼ିଆରେ ଚାଲିଥିବା ୧୬ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ପୁରୀର ପଞ୍ଚସଖା କ୍ରିକେଟ୍ କ୍ଲବ୍ ପାରାଦୀପ ଷ୍ଟାର୍ ଇଲେଭେନକୁ ହରାଇ ଚାମ୍ପିଅନ୍ ହୋଇଛି। ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଞ୍ଚସଖା ଟିମ ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୪୩ ରନ କରିଥିଲା। ଜବାବରେ ପାରାଦୀପ ଷ୍ଟାର ଇଲେଭେନ ଟିମ ୧୧ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୮୦ ରନ କରିଥିଲା। ପଞ୍ଚସଖା କ୍ଲବ୍ ୨୫ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ହାସଲ କରିଥିଲା। ରନର୍ସଅପ ଟିମ୍ ଭାବେ ପାରାଦୀପ ୧୫ ହଜାର ଟଙ୍କା ଓ ରନର୍ସ ଟ୍ରଫି ହାସଲ କରିଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ପପୁ ରଞ୍ଜନ ସେନାପତି, ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକ ଯୋଗଦେଇଥିଲେ। ଆୟୋଜକ ଛେଡ଼ାକଣିର ସତ୍ୟନାରାୟଣ କ୍ରିକେଟ କ୍ଲବ୍‌ର ପିଣ୍ଟୁ ପ୍ରଧାନ, କୁମର ପରିଡା, ସୁଶୀଲ ମହାନ୍ତି, ପ୍ରଶାନ୍ତ ଲେଙ୍କା, ତୋଫାନ ରାଉଳ, ସୁବାସ ରାଉଳ, ନିମାଇଁ ରାଉଳ, ପପୁ ପରିଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

**ପ୍ରଧାନଶିକ୍ଷକଙ୍କ ବଦଳିର ପ୍ରତିବାଦ**

## ଛାତ୍ରଛାତ୍ରୀ, ପରିଚାଳନା କମିଟି ଓ ଅଭିଭାବକଙ୍କ ଧାରଣା

ରାଜକନିକା,୧୩।୨(ସମିସ):

ରାଜକନିକା ବ୍ଲକ୍‌ର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ନାରାୟଣ ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଦଳାଇଙ୍କ ଅନ୍ୟତ୍ର ବଦଳି ହୋଇଛି। ଏହାର ପ୍ରତିବାଦରେ ଆଜି ବିଦ୍ୟାଳୟର ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ସଭ୍ୟାସଭ୍ୟ ଓ ଅଭିଭାବକଙ୍କ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। କିଛିଦିନ ପୂର୍ବେ ପ୍ରଧାନଶିକ୍ଷକ ଦଳାଇଙ୍କ ଅନ୍ୟତ୍ର ବଦଳି ହେବା, ଆଗକୁ ଦଶମ ବୋର୍ଡ ପରୀକ୍ଷା ଥିବା ଦର୍ଶାଇ ଏହି ଅଦିନିଆ ବଦଳିକୁ ବିରୋଧ କରି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କୃତ୍ତିବାସ ପରିଡା ଗତ ୬ ତାରିଖରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର କୌଣସି ନିଷ୍କର୍ସ ନ ପାଇବାରୁ ବାଧହୋଇ ଗୁରୁବାର ବିଦ୍ୟାଳୟର ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ସଭ୍ୟାସଭ୍ୟ ଓ ଅଭିଭାବକ କନିକା ତହସିଲ କାର୍ଯ୍ୟାଳୟରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। କନିକା ତହସିଲଦାର ଅଶୋକ ଦେହୁରୀ ଫୋନ ଯୋଗେ ଉଚ୍ଚପଦସ୍ଥ ପଦାଧିକାରୀଙ୍କ ସହ ଆଲୋଚନା ପୂର୍ବକ ଧାରଣାସ୍ଥଳରେ ପହଞ୍ଚି ଆସନ୍ତା ଦଶମ ବୋର୍ଡ ପରୀକ୍ଷା ପର୍ଯ୍ୟନ୍ତ ଏହି ବଦଳିକୁ ସ୍ଥଗିତ ରଖାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଛାତ୍ରୀଛାତ୍ରଙ୍କ ବ୍ୟତୀତ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କୃତ୍ତିବାସ ପରିଡ଼ା, ଉପାଧ୍ୟକ୍ଷ ନମିତା ସେଠୀ, ସଭ୍ୟା ପ୍ରମିଳା ସୂତାର, ସଭ୍ୟ ବିଜୟ ସେନାପତି, ବିଶ୍ୱମ୍ଭର ବିଶ୍ୱାଳ, ବିକ୍ରମ ନାୟକଙ୍କ ସମେତ ଅଭିଭାବକ ସାମିଲ ଥିଲେ।



# ଅଗ୍ନି ବିପନ୍ନଙ୍କୁ 'ଛୋଟ ଏକ ପ୍ରୟାସ'ର ସହାୟତା



**ଖଜୁରିଆକଟା,୧୩।୨(ସମିସ):** ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ହାତୁରା ପଞ୍ଚାୟତର ହରିଜନ ସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ୫ଟି ବାସଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଏବଂ ଆସବାବପତ୍ର ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଏବେ ଖୋଲା ଆକାଶ ତଳେ ସହାୟତା ଅପେକ୍ଷାରେ ରହିଛନ୍ତି ଗ୍ରାମର ୪ଟି ପରିବାର। ବିଳମ୍ବିତ ରାତିରେ ପାରିବାର ଲୋକେ ଘରେ ଶୋଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଘରେ ଥିବା ଧାନ ସହିତ ଘରର ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ଖଜୁରୀଆକଟା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହି ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସରକାରଙ୍କୁ ନିବେଦନ କରାଯାଇଛି। ଖବର ପାଇ ହିନ୍ଦୋଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଛୋଟ ଏକ ପ୍ରୟାସ'ର ସଦସ୍ୟ ବୃନ୍ଦ ହାତୁରା ହରିଜନ ବସ୍ତିରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ନୂତନ ବସ୍ତ୍ର ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଥିବାର ଜଣାପଡିଛି।

# କାରନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଜୁରିଆକଟା,୧୩।୨(ସମିସ):** ହିନ୍ଦୋଳ ଉପଖଣ୍ଡର କାରନ୍ଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ମାଝୀ, ସମ୍ମାନିତ ଅତିଥି ରୂପେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, କାରନ୍ଦା ସରପଞ୍ଚ ଦୁଷ୍ମନ୍ତ ନାୟକ, ବିଦ୍ୟାଳୟ ପରିଚଳନା କମିଟି ସଭାପତି ପ୍ରଶାନ୍ତ ସାହୁ, ସିଆରସିସି ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ନଳିନିକାନ୍ତ ପ୍ରଧାନ ମଞ୍ଚ ପରିଚଳନା କରିଥିଲେ। ଶିକ୍ଷକ ପରୀକ୍ଷିତ ଦେହୁରୀଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅଦ୍ୱୈତ୍ୟ ସାମଲ, ପ୍ରବୀର ପ୍ରଧାନ, ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ, ବୀଣାପାଣି ସାହୁ, ମମତା ବେହେରା, ଅର୍ଚ୍ଚନା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ 'ବାଲ୍ୟ ବିବାହ' ସମସ୍ତ ଙ୍କ ମନ ଛୁଇଁ ଥିଲା। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ହିନ୍ଦୋଳ ଉପଖଣ୍ଡରେ ଦିଗହରା ସ୍ୱଚ୍ଛଭାରତ ମିଶନ

# ପାଇଖାନା ନିର୍ମାଣ ନକରି ଲକ୍ଷାଧିକ ଟଙ୍କା ଟଳୁ !





- ବାରମ୍ବାର ଅଭିଯୋଗ ପରେ ମଧ୍ୟ ହେଲାନି ତଦନ୍ତ
- ଅଳିଆ ଗଦା ପାଇଁ ଗୃହ ନିର୍ମାଣରେ ଅନିୟମିତତା
- ନିର୍ମାଣର ୨ମାସ ପରେ ଭାଙ୍ଗିରୁଜି ଯାଇଛି ଆବର୍ଜନା ଘର

**ହିନ୍ଦୋଳ,୧୩।୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଫେଲ ମାରିଲା ସ୍ୱଚ୍ଛଭାରତ ମିଶନ। ଉପଖଣ୍ଡର ବିଭିନ୍ନ ଗ୍ରାମରେ ଅତ୍ୟନ୍ତ ନିମ୍ନମାନର ପାଇଖାନା ନିର୍ମାଣ ଏବଂ ବହୁ ଗ୍ରାମରେ କୌଣସି ପାଇଖାନା ନକରି ମିଥ୍ୟା ବିଲ କରି ଠିକାଦାର ଓ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ କରିଛନ୍ତି ଲକ୍ଷାଧିକ ଟଙ୍କା ଟଳୁ। ଏ ନେଇ ନେଇ ଉପଖଣ୍ଡରେ ବାରମ୍ବାର ଅଭିଯୋଗ ହୋଇଆସୁଛି, ହେଲେ ଏହାର ତଦନ୍ତ କରିବାକୁ କାହାର ଯେମିତି ଆନ୍ତରିକତା ନାହିଁ। ତଳଠୁ ଉପର ଯାଏ ଏହି ଦୁର୍ନୀତିରେ ସମସ୍ତେ ଲିପ୍ତ। ଉପଖଣ୍ଡର ପ୍ରତ୍ୟେକ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାର ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ ପାଇଖାନା ନିର୍ମାଣ କରିବା ପାଇଁ ଟଙ୍କା ମଞ୍ଜୁର କରିଥିଲେ। ଗ୍ରାମାଞ୍ଚଳ ଲୋକ ଯେପରି ବାହାରକୁ ଶୌଚ ହେବା ପାଇଁ ନ ଯିବେ ଏବଂ ପରିବେଶ ସ୍ୱଚ୍ଛ ରହିବା ଏହାର ଉଦ୍ଦେଶ୍ୟ। ବିଗତ ଦିନରେ ହିନ୍ଦୋଳ ଉପଖଣ୍ଡରେ ଏହି ପାଇଖାନା ନିର୍ମାଣ କରିବା ପାଇଁ ଢେଙ୍କାନାଳ ଅଞ୍ଚଳର କିଛି ଠିକାଦାର ଓ ଉପଖଣ୍ଡର କିଛି ଠିକାଦାର ଚୟନ କରି କିଛି କିଛି ଜାଗାରେ ଅତ୍ୟନ୍ତ ନିମ୍ନମାନର ପାଇଖାନା ନିର୍ମାଣ କରାଯାଇଥିଲା। ଅନେକ ଗ୍ରାମାଞ୍ଚଳର ହିତାଧିକାରୀଙ୍କ ଆଧାର କାର୍ଡ ନେଇ ପାଇଖାନା ନିର୍ମାଣ କରାଯିବାର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କ ନାମରେ ପାଇଖାନା ନିର୍ମାଣ କରାଯାଇଛି ଦର୍ଶାଇ ଟଙ୍କାକୁ କିଛି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମିଳିତ ଉଦ୍ୟମରେ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପରିଣାମ ଏବେ ନୀରିହ ଜନସାଧାରଣଙ୍କୁ ଭୋଗିବାକୁ ପଡୁଛି। ଘରେ ପାଇଖାନା ନଥିବାରୁ ଗ୍ରାମାଞ୍ଚଳର ଜନସାଧାରଣ ରାତିପାହିଲେ ବାହାରକୁ ଶୌଚ ହେବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି। ହିନ୍ଦୋଳ ଉପଖଣ୍ଡ ହାତୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ପାଇଖାନା ଅଭାବରୁ ବାହାରକୁ ଯାଇ ପ୍ରତ୍ୟେକ ବର୍ଷ ବହୁ ଜନସାଧାରଣ ହାତୀ ହାବୁଡ଼ରେ ପଡି ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ଏବେ ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଞ୍ଚାୟତ ସମିତିର ଅନୁମୋଦନରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଳିଆ ଆବର୍ଜନା ଗୃହ ଗୁଡ଼ିକ କେଉଁଠି ଭାଙ୍ଗିରୁଜି ଗଲାଣି ତ ଆଉ କେଉଁଠି ଆଜବେଷ୍ଟସ୍ ଛପର ଉଡିଗଲାଣି। ହିନ୍ଦୋଳ ବ୍ଲକରେ ୩୫ଗୋଟି ଗ୍ରାମପଞ୍ଚାୟତରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆବର୍ଜନା କୁଣ୍ଡଗୁଡିକ ନିମ୍ନମାନର କରାଯାଇଛି। ଗ୍ରାମପଞ୍ଚାୟତରୁ ଶତକଡା ୩୦ ଭାଗ ଏବଂ ସ୍ୱଚ୍ଛଭାରତ ମିଶନରୁ ଶତକଡା ୭୦ ଭାଗ ଅନୁଦାନ ପ୍ରଦାନ କରାଯାଇ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଆବର୍ଜନା କୁଣ୍ଡଗୁଡିକ ନିର୍ମାଣ କରାଯାଇଥିଲା। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଉକ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିଲା। ହୋଇଥିବା ଲାଭାଂଶରୁ ସମସ୍ତେ ଭଗବାଣ୍ଟି ନେଇଥବା ଦେଖିବାକୁ ମିଳିଥିଲା। ଯାହାର ପରିଣାମ ଉପଖଣ୍ଡର ବିଭିନ୍ନ ଗ୍ରାମରେ ନିର୍ମାଣ ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ଅଳିଆ ଆବର୍ଜନା ଗୃହ ଛଅ ମାସରେ ଭାଙ୍ଗିରୁଜି ଯାଇଛି। ହିନ୍ଦୋଳ ବ୍ଲକର ବିଭିନ୍ନ ଗ୍ରାମରେ ଉକ୍ତ ଘର କରାଯାଇଥିବା ବେଳେ ଗୋଟିଏ ବର୍ଷ ଭିତରେ କେଉଁଠି ଆଜବେଷ୍ଟର୍ସ ଉଡିଯାଇଛି ତ କେଉଁଠି ଘରଟି ସମ୍ପୂର୍ଣ ଭାଙ୍ଗି ଯାଇଛି। ଦୁର୍ନୀତିକୁ ରୋକିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଅନିୟମିତତା ସମ୍ପର୍କରେ ଖବର ପ୍ରକାଶ ପାଉଛି। ହେଲେ ଏହାର କୌଣସି ତଦନ୍ତ ନହେବା ଉଚ୍ଚପଦସ୍ତ ଅଧିକାରୀଙ୍କ କାର୍ଯ୍ୟଦାକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

## ଆରଟିଆଇରେ ତଥ୍ୟ ମାଗିବାରୁ ମହିଳାଙ୍କୁ ହତ୍ୟା ଧମକ

**ଢେଙ୍କାନାଳ,୧୩।୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ବାସିନ୍ଦା ଅନୁସୂୟା ବରାଳ, ସ୍ୱାମୀ ବିପିନ କୁମାର ବରାଳ ଆରଟିଆଇ ମାଧ୍ୟମରେ ଗତ ଆର୍ଥୀକ ବର୍ଷ ୨୦୨୩ ମସିହାରେ ନୂଆଗାଁ ପଞ୍ଚାୟତକୁ ଆସିଥିବା ୫୦ ଲକ୍ଷ ଟଙ୍କାର ଖର୍ଚ୍ଚର ବିବରଣୀ ଜାଣିବାକୁ ଚାହିଁବାରୁ ତାଙ୍କୁ ହତ୍ୟା ଧମକ ଦିଆଯିବା ନେଇ ସେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଥିବାର ଜଣାପଡିଛି। ଏ ନେଇ ଶ୍ରୀମତୀ ବରାଳ ଗତ ସେପ୍ଟମ୍ବର ୨୫ ରିଖରେ ବ୍ଲକ ପିଆଇଓଙ୍କ ନିକଟରେ ଆରଟିଆଇ ତଥ୍ୟ ମାଗିଥିଲେ। କିନ୍ତୁ ୧ ମାସ ପରେ ଏହାର ସନ୍ତୋଷଜନକ ତଥ୍ୟ ନପାଇବାରୁ ପୁଣି ଗତ ନମ୍ବେମ୍ବର ୨୫ ରିଖରେ ପ୍ରଥମ ଅପିଲେଟ୍ ଅଧିକାରୀଙ୍କୁ ମାଗି ମଧ୍ୟ ନିରାଶ ହୋଇଥିଲେ। ଶ୍ରୀମତୀ ବରାଳ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ଗତ ଫେବୃୟାରୀ ୧୨ ତାରିଖରେ ସନ୍ତୋଷ ଭୂୟାଁ ତାଙ୍କ ପୁଅକୁ ଫୋନରେ ଧମକ ଦେଇଛନ୍ତି ଯେ ତାଙ୍କ ପରିବାର ସମସ୍ତ ସଦସ୍ୟଙ୍କୁ ମାରିଦେବାକୁ। ଏନେଇ ଶ୍ରୀମତୀ ବରାଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଆତ୍ମରକ୍ଷା ଶିବିର ଉଦ୍ଯାପିତ

**ଢେଙ୍କାନାଳ,୧୩।୨(ସମିସ):** ସ୍ଥାନୀୟ ଢେଙ୍କାନାଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫ଦିନ ଧରି ଚାଲିଥିବା ରାଣୀଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ଡ. ଶକୁନ୍ତଳା ଜେନା ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଉପରେ ଉଦ୍‌ବୋଧନ ଦେବା ସହିତ ମାଷ୍ଟର ଟ୍ରେନରଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ମାଷ୍ଟର ଟ୍ରେନର ଭାବରେ ଜୟନ୍ତୀ ବେହେରା ଟ୍ରେନିଂ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଆତ୍ମରକ୍ଷା କୌଶଳ ବିଶେଷଜ୍ଞ ମାଷ୍ଟର ଇଂ. ସୌମ୍ୟବ୍ରତ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ସହଜ କୌଶଳର ଶିକ୍ଷା ପ୍ରଦାନ କରିଥିଲେ। ଏହି ଶିବିରକୁ ସଂଯୋଜିକା ତଥା ଉଦ୍ଭିଦ ବିଜ୍ଞାନର ସହକାରୀ ଅଧ୍ୟାପିକା ଡ. ମଧୁସ୍ମିତା ନାୟକ ପରିଚାଳନା କରିଥିବାବେଳେ ଅଧ୍ୟାପିକା ବିଦିସା ଦାସ, ଡି. ତେଜସ୍ୱିନୀ ଏବଂ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ବାର୍ଷିକ ପତ୍ରିକା 'ମହିମାଜ୍ୟୋତି' ଉନ୍ମୋଚିତ




**ଢେଙ୍କାନାଳ,୧୩।୨(ସମିସ):** ବିଶ୍ୱ ପ୍ରସିଦ୍ଧ ମହିମାଗାଦି ଯୋରନ୍ଦା ମହିମା ପୀଠରେ ମାଘମେଳା ଅବସରରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ୭ବାରକୁ ନେଇ ୭ଟି ଅଖଣ୍ଡ ଘୃତଦୀପ କୌପୀନଧାରୀ ମହିମା ସମାଜର ଧର୍ମାଧକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ଦ୍ୱାରା ପ୍ରଜ୍ୱଳିତ କରାଯାଇଥିଲା।

ଏହି ସପ୍ତଦୀପକୁ ଶ୍ରୀମଦ୍ ରଘୁନାଥ ବାବା, ମହିମାଜ୍ୟୋତିଯାତ୍ରା ସଂପାଦକ ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକାର ସଂପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର, ମହିମା ଗବେଷକ ଭକ୍ତ ଡ. ଉଦ୍ଧବ ଚରଣ ନାୟକ, ଅବସରପ୍ରାପ୍ତ ପ୍ରଶାସକ ଭକ୍ତ ସନାତନ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁ ଓ ସମାଜସେବୀ ଡମ୍ବରୁଧର ସେଠୀ ଉର୍ଦ୍ଧବାହୁ ହୋଇ ଶୂନ୍ୟବ୍ରହ୍ମଙ୍କୁ ସମର୍ପଣ କରିଥିଲେ। ଏଥିରେ ଶେଷଦେବ ବାବା, ସଞ୍ଜୟ ବାବା, କନ୍ଦର୍ପ ବାବା, ଜ୍ଞାନୀ ବାବା ଓ କ୍ଷେତ୍ରବାସୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ମାଘମେଳା ଉପଲକ୍ଷେ କୌପୀନଧାରୀ ମହିମା ସମାଜ ଆନୁକୂଲ୍ୟରେ ପ୍ରକାଶିତ ବାର୍ଷିକ ପତ୍ରିକା ମହିମାଜ୍ୟୋତିକୁ ଅତିଥିମାନେ ଭଜନ ମଣ୍ଡପରେ ଉନ୍ମୋଚନ କରିଥିଲେ।

ଏହି ଉନ୍ମୋଚନ ସଭାରେ ଶ୍ରୀମଦ୍ ରଘୁନାଥ ବାବା ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଶିକ୍ଷାବିତ୍ ଖଗେଶ୍ୱର ସାହୁ, ଗବେଷକ ଡ. ଉଦ୍ଧବ ଚରଣ ନାୟକ, ସନାତନ ମଲ୍ଲିକ, ଶେଷଦେବ ବାବା, ମହିମା ଜ୍ୟୋତି ସଂପାଦକ ବିରଞ୍ଚି ନାରାୟଣ ହୋତା, ଡମ୍ବରୁଧର ସେଠୀ ଓ ଶତ୍ରୁଘ୍ନ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ମହିମା ଧର୍ମର ସରଳତା, ନିରାଡମ୍ବରତା, ପ୍ରକୃତି ପ୍ରେମ, ଜଗତ ଓ ଭଗତଙ୍କ କଲ୍ୟାଣ, ସମାନତା ଓ ଜାତିଆଣବାଦ ପରିହାରତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭକ୍ତ ପ୍ରଶାନ୍ତ ମହାପାତ୍ର ସଭା ସଂଯୋଜନା କରିଥିବା ବେଳେ ଭକ୍ତ ଅନନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ସଚେତନତା ରଥ ଉଦ୍‌ଘାଟିତ



**ଢେଙ୍କାନାଳ,୧୩।୨(ସମିସ):** ଜିଲ୍ଲା ସଦର ମହକୁମାରେ ଶ୍ରମିକ ସଚେତନ ରଥ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ଉକ୍ତ ରଥ ଉଦ୍‌ଘାଟନ ହୋଇଛି। ଶ୍ରମିକ ସଚେତନ ରଥ ଏକ ମାସ ବ୍ୟାପି ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସ୍‌ପାଲଟି, ଏନଏସି, ଶ୍ରମିକ ହାଟ, ଜନବହୁଳ ସ୍ଥାନ ଓ ନିର୍ମାଣ କ୍ଷେତ୍ରରେ ସଚେତନା ସୃଷ୍ଟି କରିବ। ବିଭିନ୍ନ ଶ୍ରମ କଲ୍ୟାଣ ବୋର୍ଡ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଯଥା ଓଡ଼ିଶା କୋଠାବାଡି ଓ ଅନ୍ୟାନ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସୁରକ୍ଷା ବୋର୍ଡ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା, ତତ୍‌ସହିତ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ ଓ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ମାନଙ୍କ ଅଧିକାର ଏବଂ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ନିୟମ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରିବ। ସଭାରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଭାପତି ପୁଷ୍ପକ ତ୍ରିପାଠୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ରଶ୍ମିତା ନାୟକ ଓ ତପନ କୁମାର ସୂତାର, ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳାଇ ଓ ବୈଜୟନ୍ତୀ ମାଳା ମଲ୍ଲିକ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ।

# ବିଜେପି ନଗର ମଣ୍ଡଳରେ ସମର୍ପଣ ଦିବସ



**ଢେଙ୍କାନାଳ,୧୩।୨(ସମିସ):** ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ବିଜେପି କାର୍ଯ୍ୟାଳୟରେ ସମାଜ ଓ ସେବା ପାଇଁ ସମର୍ପିତ ଭାରତୀୟ ଜନସଂଘ ପାର୍ଟିର ସଂସ୍ଥାପକ ତଥା ପ୍ରଥମ ସଂପାଦକ ଦୀନ୍ ଦୟାଲ୍ ଉପାଧ୍ୟାୟଙ୍କ ୬୭ତମ ପୂଣ୍ୟତିଥିକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି। ଢେଙ୍କାନାଳ ବିଜେପି ନଗର ମଣ୍ଡଳ ସଭାପତି ବିକାଶ ସାହୁଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୀନ୍ ଦୟାଲ୍‌ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ ଦୀନ୍ ଦୟାଲ୍‌ଜୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଏକାତ୍ମ ମାନବବାଦ ଦର୍ଶନ ଉପରେ ବିସ୍ତୃତ ଭାବେ ଆଲୋକପାତ କରି ତାଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ପୂର୍ବତନ ନଗର ସଭାପତି ଧ୍ରୁବଚରଣ ସ୍ୱାଇଁ, ଜିଲ୍ଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ, ପଦ୍ମଭୂଷଣ ସାହୁ, ଦୀପକ ପଟ୍ଟନାୟକ, ଶଙ୍କର ସାମଲ, ଉତମ ଦାସ, ରାକେଶ ମଲ୍ଲିକ, ସରୋଜ ଚନ୍ଦ୍ର ଜେନା ଓ ପ୍ରତାପ ଚନ୍ଦ୍ର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବ୍ଲକ୍‌ସ୍ତରୀୟ ସଚେତନତା ଶିବିର



**ପରଜଙ୍ଗ,୧୩।୨(ସମିସ):** ପରଜଙ୍ଗ ପାଣିପଞ୍ଚାୟତ ଶୀର୍ଷକ ଭବନ ସଭା ଗୃହ ଠାରେ ବ୍ଲକସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦର ସଭ୍ୟ ନିରାକାର ପ୍ରଧାନ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଦିଗାମ୍ବର ସାହୁ ଯୋଗଦାନ କରିଥିଲେ। ସିଡିପିଓ ବିଜୟଲକ୍ଷ୍ମୀ ମାରାଣ୍ଡି, ସ୍ୱାସ୍ଥ୍ୟ ବିଭାଗର ପିଓ ବବିତା ସାହୁ, ଆଇନଜୀବୀ ଉମେନ୍ଦ୍ର କୁମାର ଲେଙ୍କା, ଆସିଷ୍ଟାଣ୍ଟ କ୍ଲବର ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ପରଜଙ୍ଗ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରାଚୀପ୍ରଭା ସାମନ୍ତ, ଅଧ୍ୟାପିକା ମୌସୁମୀ ବାଘ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ମହାବିଦ୍ୟାଳୟର ଛାତ୍ରୀ, ଅଙ୍ଗନବାଡି କର୍ମୀ ପଞ୍ଚାୟତ ମହିଳା ୱାର୍ଡ ମେମ୍ବର, ସମସ୍ତ ଆଶା କର୍ମୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଏବଂ ଅନ୍ୟାନ ବକ୍ତା ମାନେ ନାରୀକୁ ସମ୍ମାନ, ମଦମୁକ୍ତି, ମୋବାଇଲ ବ୍ୟବହାର ବନ୍ଦ, ନାବାଳିକାଙ୍କୁ ବିବାହ ଦେବା ଆଇନଗତ ଅପରାଧ ବୋଲି କହିଥିଲେ। ଯେଉଁ ଡାକ୍ତରମାନେ ଲିଙ୍ଗ ନିରୂପଣ କରୁଛନ୍ତି ଏବଂ ଭ୍ରୁଣ ହତ୍ୟା କରୁଛନ୍ତି ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି କହିଥିଲେ। ବର୍ତ୍ତମାନ ପୁରୁଷ ପିଲା ସଂଖ୍ୟା ଅପେକ୍ଷା ଝିଅ ପିଲାଙ୍କର ସଂଖ୍ୟା କମ୍। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ଶିଶୁ କନ୍ୟା ଏବଂ ପ୍ରସୂତି ମାଆମାନଙ୍କ ପାଇଁ ବିଭିନ୍ନ ପ୍ରୋତ୍ସାହନ ଓ ଯୋଜନା ପ୍ରଣୟନ କରୁଥିବା ପ୍ରକାଶ କରିଛନ୍ତି।

## ୫୦୦ କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଦୁର୍ନୀତି

# ଓଭରହେଡ୍ ଟାଙ୍କିରୁ ଗଳୁଛି ପାଣି



**ହିନ୍ଦୋଳ,୧୩।୨(ସମିସ)**

ହିନ୍ଦୋଳ ଉପଖଣ୍ଡରେ ୫୦୦ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଛି। ବିଭାଗ ଦ୍ୱାରା ବିଭିନ୍ନ ଜାଗାରେ ୩୦ରୁ ଊର୍ଦ୍ଧ୍ୱ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହେଉଥିବା ବେଳେ କିଛି ପାଣି ଟାଙ୍କି ଏବେ ପୂର୍ଣ୍ଣାଙ୍ଗ ହୋଇଛି। ହେଲେ ଟାଙ୍କିରେ ପାଣି ଭରିଲେ ସେଥିରୁ ଅନବରତ ପାଣି ଗଳୁଛି। ଏଭଳି ଘଟଣା ଉପଖଣ୍ଡର ସାତମାଇଲ ନିକଟ ଶାଳ ଜଙ୍ଗଲରେ ନିର୍ମିତ ଟାଙ୍କିରେ ଦେଖିବାକୁ ମିଳିଛି। ଏଠାରେ ୨ଟି ବିଶାଳ ପାଣିଟାଙ୍କି ମଧ୍ୟରୁ ଗୋଟିକର ନିର୍ମାଣ ସରିଛି। ଠିକାଦାର ଟାଙ୍କିରେ ରଙ୍ଗ ଦେଇ ଏହା ପୂର୍ଣ୍ଣାଙ୍ଗ ହୋଇଥିବା ଦର୍ଶାଇ ୨ ଦିନ ପୂର୍ବରୁ ପାଣି ଭର୍ତ୍ତି କରାଯାଇଥିଲା। ତେବେ ୨ ଦିନ ହେଲା ଉକ୍ତ ଟାଙ୍କିରୁ ଅନବରତ ପାଣି ଲିକ୍ ହେଉଥିବା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ ଅଧିକାରୀ ତଦନ୍ତ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜଳପରିମଳ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମିତ କୁମାର ସେଠୀଙ୍କୁ ପଚାରିବାରୁ କହିଲେ, ସତମାଇଲ ଛକ ନିକଟରେ ପାଣି ଟାଙ୍କି ନିର୍ମାଣ ସରିବା ପରେ ସେଥିରେ ପାଣି ଭର୍ତ୍ତି କରାଯାଇଥିଲା। କିଛି ସମୟ ପରେ ଟାଙ୍କିର ଚତୁଃପାଶ୍ୱର୍ରୁ ପାଣି ଲିକ୍ ହେବାରୁ ତାହାକୁ ପୁନର୍ବାର ମରାମତି କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଅନ୍ୟପଟେ ନୂଆ ଟାଙ୍କିରୁ ପାଣି ଗଳୁଥିବା ବେଳେ ମରାମତି ପରେ ତାହା କେତେଦିନ ଚାଲିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଖଣ୍ଡବାସୀ ଦାବି କରିଛନ୍ତି।

## ସର୍ବଭାରତୀୟ ବୀରବେନ୍ନୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ରାଞ୍ଚି ଷ୍ଟାର୍ ୧୧



**ପରଜଙ୍ଗ,୧୩।୨(ସମିସ):** ପରଜଙ୍ଗ ମିନି ଷ୍ଟାଡିୟମଠାରେ ସର୍ବ ଭାରତୀୟ ବିରବେନ୍ନୁ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନରେ ରାଞ୍ଚି ଷ୍ଟାର ୧୧ ଏବଂ ସମ୍ବଲପୁର ରାଇଜିଂ ଷ୍ଟାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୁର୍ଗା ପ୍ରସାଦ ସାହୁ, ହେମନ୍ତ କୁମାର ସାମଲ, ମହେଶ୍ୱର ପରିଡା ଏବଂ ପରଜଙ୍ଗ କ୍ରିକେଟ୍ କ୍ଲବର ପୁରାତନ ଖେଳାଳୀ ଅନ୍ତର୍ଯ୍ୟାମୀ ସାମଲ, ପ୍ରଶାନ୍ତ କୁମାର ସାମଲ, ଉର୍ଜା କ୍ଲବର ସଭ୍ୟ ବିଶ୍ୱଜିତ ପରିଡା ଏବଂ ପ୍ରଭୀନ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ମ୍ୟାଚ୍‌ରେ ସମ୍ବଲପୁର ରାଇଜିଂ ଷ୍ଟାର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ରାଞ୍ଚି ଷ୍ଟାର ୧୧ବ୍ୟାଟିଂ କରି ୪ ୱିକେଟ ଥାଇ ୨୦ ଓଭରରେ ୨୧୪ ରନ୍ କରିଥିଲା। ଏହାର ଜବାବରେ ରାଇଜିଂ ଷ୍ଟାର ସମ୍ବଲପୁର ସମସ୍ତ ୱିକେଟ ହରାଇ ୧୮ ଓଭରରେ ୧୩୭ ରନ କରି ଅଲ୍ ଆଉଟ ହୋଇଥିଲା। ରାଞ୍ଚି ଷ୍ଟାର ୧୧ ବିଜୟୀ ହୋଇ ସେମି ଫାଇନାଲ ମ୍ୟାଚକୁ ମନୋନୀତ ହୋଇଅଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡ. ବିକାଶ ଚନ୍ଦ୍ର ପଣ୍ଡା ଆଇଜିଆଇଟି ସରାଙ୍ଗ ଏବଂ ମୁଖ୍ୟବକ୍ତା ଭାବେ ଡ. ପ୍ରିୟବ୍ରତ ସାହୁ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ଆର୍ୟନ ରାଜ ରାଞ୍ଚି ଷ୍ଟାର ୧୧ଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

